## ସଂକ୍ଷେପରେ

### ନୀଳଗିରିରେ ନୂତନ ତହସିଲଦାର



**ସଜନାଗଡ଼, ୨୨।୨(ଡି.ଏନ.ଏ.):** ବାଲେଶ୍ୱରର ଡେପୁଟି କଲେକ୍ଟର ସୁଶ୍ରୀତା ଟୁଡୁ ଶୁକ୍ରବାର ନୀଳଗିରି ତହସିଲଦାର ଭାବେ ଯୋଗ ଦେଇଛନ୍ତି। ସେ ଶୁକ୍ରବାର ଅଫିସ୍‌କୁ ଆସି ତହସିଲଦାରଙ୍କ ଦାୟିତ୍ୱଭାର ଗ୍ରହଣ କରିବା ସମେତ ସମସ୍ତ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ନୀଳଗିରିର ଉନ୍ନତି ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିବା ସହ ଆଇନ ଅନୁଯାୟୀ ଜନସାଧାରଣଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ତାଙ୍କୁ ନୀଳଗିରିର ଆଇନଜୀବୀ, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀଙ୍କ ତରଫରୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ସ୍ଥାନରେ ପୂର୍ବରୁ ତହସିଲଦାର ଭାବେ କାର୍ଯ୍ୟରତ ଥିବା ରାଜେନ୍ଦ୍ର ପଣ୍ଡାଙ୍କୁ ଭଞ୍ଜନଗରର ଅତିରିକ୍ତ ଉପଜିଲାପାଳ ଭାବେ ବଦଳି କରାଯାଇଛି।

### ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ମହୋତ୍ସବ

**ବାଲିଆପାଳ, ୨୨।୨(ଡି.ଏନ.ଏ.):** ଲଙ୍ଗଳେଶ୍ୱରସ୍ଥିତ ସତସଙ୍ଗ ବିହାର ପକ୍ଷରୁ ବୁଧବାର ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୧ତମ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ରବୀନ୍ଦ୍ର ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରିତିକ କେଦାର ନାଥ ମହାନ୍ତି, ସାମାଜିକ କର୍ମୀ ସୁବାସିନୀ ଜେନା, କଂଗ୍ରେସ ନେତା ସୁଦର୍ଶନ ଦାସ, ରିତିକ୍ ଶ୍ରୀଧର ସୁନ୍ଦର ମିଶ୍ର, ରତ୍ନାକର ପଣ୍ଡା, ଗୌରୀଶଙ୍କର ହାତୀ, ଭାସ୍କର ବାରିକ, ରତିକାନ୍ତ ବେହେରା, ଗଣେଶ ଚନ୍ଦ୍ର ଜେନା, ଅଶିଷ ପଣ୍ଡା, ଡ.ସମ୍ବିତ କୁମାର ଦାସ ପ୍ରମୁଖ ଯୋଗଦେଇ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ନୀତି ଓ ଆର୍ଦଶ ସାମ୍ପ୍ରତିକ ସମୟରେ ପ୍ରଯୁର୍ଯ୍ୟ ବୋଲି କହିଥିଲେ। ଡା.ଅଜିତ କୁମାର ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ସତ୍‌ସଙ୍ଗ ବିହାର ସମ୍ପାଦକ ସଞ୍ଜୟ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାତଃରେ ଭକ୍ତମାନଙ୍କ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

## ମିଳିଲାନି ଆଡ୍‌ମିଟ କାର୍ଡ

# ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ରୀ

**ରୂପସା, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଅଗ୍ରୱାଲା ବିଦ୍ୟାପୀଠର ଛାତ୍ରୀ ରୁବିନା ଖାତୁନ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଅନଲାଇନ୍‌ରେ ଫର୍ମପୂରଣ ବେଳେ ସ୍କୁଲ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ତାଙ୍କୁ ଆଡ଼ମିଟ୍ କାର୍ଡ଼ ନ ମିଳିବାରୁ ଏଭଳି ପରିସ୍ଥିତି ଉପୁଜିଛି। ପରୀକ୍ଷାର୍ଥୀ ରୁବିନାଙ୍କୁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ପତି ଅନୁରୋଧ କରିଛନ୍ତି। ଅପରପକ୍ଷରେ ପରୀକ୍ଷାର୍ଥୀଙ୍କ ପରିବାରବର୍ଗଙ୍କ ଅଭିଯୋଗ ମୁତାବକ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସଦର ବ୍ଲକ ସିଙ୍ଗାରପୁର ଗ୍ରାମର ଶେଖ ସଲାଉଦ୍ଦିନଙ୍କ ଝିଅ ରୁବିନା ଖାତୁନଙ୍କର ମାଟ୍ରିକ ପରୀକ୍ଷା ପାଇଁ ସ୍କୁଲ ତରଫରୁ ଅନଲାଇନ୍‌ରେ ଫର୍ମ ପୂରଣ କରିଥିଲେ। ମାତ୍ର ରୁବିନା ଖାତୁନ ନାମଧାରୀ ଅନ୍ୟ ଜଣେ ଛାତ୍ରୀ ମଧ୍ୟ ଏହି ସ୍କୁଲରେ ଅଧ୍ୟୟନ କରୁଥିଲେ। ଉଭୟ ଛାତ୍ରୀଙ୍କ ବାପାଙ୍କ ନାମ ସମାନ ମାତ୍ର ମାଆଙ୍କ ନାମ ଭିନ୍ନ ଅଟେ। ମାତ୍ର ଅନ୍ୟ ଛାତ୍ରୀ ଜଣଙ୍କର ଆଡ଼ମିଟ୍ କାର୍ଡ଼ ଆସିଥିବା ବେଳେ ସିଙ୍ଗାରପୁର ଗ୍ରାମର ରୁବିନାଙ୍କର ଆଡ଼ମିଟ୍ କାର୍ଡ଼ ଆସି ନ ଥିଲା। ଅପରପକ୍ଷରେ ଯେଉଁ ସମାନ ନାମଧାରୀ ଛାତ୍ରୀଙ୍କର ଆଡ଼ମିଟ୍ କାର୍ଡ଼ ଆସିଥିଲା ସେ ପରୀକ୍ଷା ପାଇଁ ଫର୍ମ ପୂରଣ କରି ନ ଥିଲେ। ଭୁଲବଶତଃ ଏଭଳି ଅନଲାଇନ୍ ଫର୍ମ ପୂରଣ ଯୋଗୁ ଉକ୍ତ ଆଡ଼ମିଟ୍ କାର୍ଡ଼ରେ ତ୍ରୁଟି ସଂଶୋଧନ ପାଇଁ ସ୍କୁଲ କର୍ତ୍ତୃପକ୍ଷ କଟକ ବୋର୍ଡ଼ ଅଫିସ୍ ଯାଇଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା। ଫଳରେ ରୁବିନାଙ୍କ ଅଭିଭାବକ ଓ ଗ୍ରାମବାସୀ ଗୁରୁବାର ସନ୍ଧ୍ୟାରେ ଶିକ୍ଷକଙ୍କୁ ଅଟକ ରଖି ସ୍କୁଲରେ ତାଲା ପକାଇ ହୋ-ହଲ୍ଲା କରିଥିଲେ। ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ ସଦଳବଳେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ରାତିରେ ଅଭିଭାବକ ଓ ଗ୍ରାମବାସୀ ବାଲେଶ୍ୱର ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ, ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ଆଡ଼ମିଟ୍ କାର୍ଡ଼ ମିଳି ନ ଥିବାରୁ ପରୀକ୍ଷାର୍ଥୀ ଜଣକ ମାଟ୍ରିକ ପରୀକ୍ଷା ନ ଦେଇ ମାନସିକ ଚାପରେ ରହୁଥିବା ପରିବାର ଲୋକେ କହିଛନ୍ତି।

## ୧୪ କେନ୍ଦ୍ରରେ ୩୭ ପରୀକ୍ଷାର୍ଥୀ ଅନୁପସ୍ଥିତ

**ବସ୍ତା, ୨୨।୨(ସ୍ୱ.ପ୍ର.)**

ଶୁକ୍ରବାରଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ବସ୍ତା ବ୍ଲକର ନୋଡାଲ ସେଣ୍ଟର ଏସ୍.ଏନ୍. ହାଇସ୍କୁଲ ଥିଲା। ବସ୍ତା ବ୍ଲକର ୧୩ଟି ହାଇସ୍କୁଲ ଓ ସଦର ବ୍ଲକର ଗୋଟିଏ ହାଇସ୍କୁଲକୁ ମିଶାଇ ମୋଟ ୧୪ କେନ୍ଦ୍ରରେ ମୋଟ ୨୫୩୫ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା। ପ୍ରଥମ ଦିନରେ ୩୭ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।



ଥାନାଛକ ହେଲିପ୍ୟାଡ୍ ପଡ଼ିଆରେ ଉଜ୍ଜ୍ୱଳା ସ୍ୱାଭିମାନ ଦିବସରେ ନେତୃମଣ୍ଡଳୀ।

## ଉଜ୍ଜ୍ୱଳା ସ୍ୱାଭିମାନ ଦିବସ

**ଭୋଗରାଇ, ୨୨।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକ ହେଲିପ୍ୟାଡ୍ ପଡ଼ିଆରେ ଶୁକ୍ରବାର ଭାରତ ସରକାରଙ୍କ ପେଟ୍ରୋଲିୟମ୍ ମନ୍ତ୍ରାଳୟ ପକ୍ଷରୁ ଉଜ୍ଜ୍ୱଳା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଦ୍ୱାରା ଆମ ଦେଶରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି। ଏହି ଯୋଜନା ଦ୍ୱାରା ମହିଳାଙ୍କ ସମ୍ମାନ, ସ୍ୱାଭିମାନ ଓ ଆତ୍ମସମ୍ମାନ ବଢ଼ିବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି।

ଭାଜପା ଜିଲା ସମ୍ପାଦକ ଭବଶଙ୍କର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ କହିଥିଲେ ଯେ, ସ୍ୱାଧୀନତାର ୭୦ବର୍ଷ ପରେ ଆମ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଭାରତରେ ୬କୋଟି ଗ୍ୟାସ ପାଇପ୍ ବିତରଣ କରାଯାଇଥିବା ବେଳେ ଓଡ଼ିଶାରେ ୭୫ଲକ୍ଷ ପରିବାରରେ ଏଲ୍‌ପିଜି ପହଞ୍ଚିଲାଣି। ଏଣିକି ମହିଳାମାନେ ଚୁଲି ଧୂଆଁରୁ ମୁକ୍ତି ହେବାକୁ ସନ୍ତୋଷ ପ୍ରକାଶ କଲେଣି। ଭାଜପା ନେତା ପରେଶ ଚନ୍ଦ୍ର ନାୟକ, ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ସତ୍ୟବ୍ରତ ଜେନା, ସୁନୀଲ କୁମାରଙ୍କ ସହ ଛ' ମଣ୍ଡଳର ସଭାପତି ଓ ଛାମୁଆନେତାମାନେ କେନ୍ଦ୍ର ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମହିଳାଙ୍କ ସହିତ କଥା ହୋଇଥିଲେ। ଉଜ୍ଜ୍ୱଳା ସ୍ୱାଭିମାନ ଦିବସରେ ବହୁ ମହିଳା ଯୋଗଦେଇଥିଲେ।




କମ୍ପାନୀ ସମ୍ମୁଖରେ ଧାରଣାରତ ଶ୍ରମିକ।

## ବି ଏଣ୍ଡ ଏ କାରଖାନା ସମ୍ମୁଖରେ ଶ୍ରମିକଙ୍କ ଧାରଣା

**ରେମୁଣା, ୨୨।୨(ଡି.ଏନ.ଏ.)**

ରେମୁଣା ବାଲଗୋପାଳପୁରସ୍ଥିତ 'ବି ଏଣ୍ଡ ଏ ପ୍ୟାକେଜିଂ ଇଣ୍ଡିଆ ଲିମିଟେଡ' କାରଖାନାର ଶ୍ରମିକ ଏବଂ କର୍ମଚାରୀ ୨୦ ଦଫା ଦାବି ନେଇ ଶୁକ୍ରବାରଠାରୁ କାରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଅନ୍ୟାୟ ଭାବେ ଚାକିରିରୁ ବହିଷ୍କାର କରାଯାଇଥିବା ୨ଜଣଙ୍କୁ ପୁନଃ ନିଯୁକ୍ତି, କର୍ମଚାରୀଙ୍କ ଉପରୁ ମିଥ୍ୟା ଅଭିଯୋଗ ପ୍ରତ୍ୟାହାର, ପ୍ରକଳ୍ପରେ ହେରଫେର ଏବଂ ନିମ୍ନମାନର କାମର ତଦନ୍ତ, କର୍ତ୍ତୃପକ୍ଷଙ୍କ ଅନାବଶ୍ୟକ ହସ୍ତକ୍ଷେପ ବନ୍ଦ କରିବା, ଶ୍ରମିକଙ୍କୁ ଯଥା ସମୟରେ ପ୍ରାପ୍ୟ ପ୍ରଦାନ କରିବା, ସାଇକେଲ ଓ ମୋଟର ସାଇକେଲ ପାଇଁ ପାର୍କିଂ ବ୍ୟବସ୍ଥା କରିବା ଦାବିରେ ଏହି ଧାରଣା ଦିଆଯାଇଛି। ଦାବିଗୁଡ଼ିକ ମଧ୍ୟରୁ ଅନେକ ଅପ୍ରାସଙ୍ଗିକ ଏବଂ ଆଉ କେତୋଟି ଦାବି ନିଶ୍ଚିତ ପୂରଣ କରାଯିବ ବୋଲି ସେମାନେ କହିଛନ୍ତି। ତେବେ ଧାରଣାରତ ଶ୍ରମିକମାନେ କମ୍ପାନୀ ମୁଖ୍ୟଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ କରିବେ ବୋଲି କହିଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଜାରି ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ୧ ପ୍ଲାଟୁନ ପୋଲିସ ମୁତୟନ ହୋଇଛନ୍ତି।

## ପାଇଖାନା ବିଲ୍ କରାଇବାକୁ ଲାଞ୍ଚ କାରବାର ନେଇ ଅଡିଓ ଭାଇରାଲ

**ରେମୁଣା, ୨୨।୨(ଡି.ଏନ.ଏ.)**

ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ ହୋଇଥିବା ପାଇଖାନା ବିଲ୍ କରିବା ପାଇଁ ଲାଞ୍ଚ ଦେବାରେ ବିଳମ୍ବ ହେବାରୁ ରେମୁଣା ବ୍ଲକ କର୍ତ୍ତୃପକ୍ଷ ଜଣେ ତଳ କର୍ମଚାରୀଙ୍କୁ ଧମକ ଦେଉଥିବା ଅଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ରେମୁଣା ବ୍ଲକରେ ହଜାରରୁ ଅଧିକ ଲୋକ ନିଜ ହାତରୁ ପାଇଖାନା ନିର୍ମାଣ କରି ୨ବର୍ଷ ପରେ ମଧ୍ୟ ବିଲ୍ ପାଇ ନ ଥିବା ଅଭିଯୋଗ ହୋଇଛି। ଏହି ଅଡିଓ ଭାଇରାଲ ହେବା ପରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି ହୋଇଛି।

## ୨ ରାଜପଥ ଲୁଟେରା ଗିରଫ

**ସୋର, ୨୨।୨(ଡି.ଏନ.ଏ.)**

ସୋର ୧୬ନଂ ଜାତୀୟ ରାଜପଥ ତଳନଗର ଚପରପଦାଠାରେ ଗୁରୁବାର ବିଳମ୍ବିତ ରାତିରେ ସୋର ପୋଲିସ ଗୋଟିଏ କାର୍ ସହିତ ଦୁଇ ଲୁଟେରାଙ୍କୁ ଗିରଫ କରିଛି। ୨ ଲୁଟେରା ଏକ କାର୍ (ନଂ. ଓଡ଼ି.୦୧.୯୭୪୨) ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଗାଡ଼ି ସ୍ଥାନୀୟ ଚପରପଦାଠାରେ ବ୍ରିଜ୍‌କୁ ଧକ୍କା ଦେଇଥିଲା। ଏହି ସମୟରେ ସୋର ଥାନା ତରଫରୁ ପାଟ୍ରୋଲିଂରେ ଯାଉଥିବା ଗାଡ଼ି ଦୁଇ ଯବକଙ୍କୁ ଅଟକ ରଖିବା ସହିତ ସେମାନଙ୍କଠାରେ ଲୁହା ରଡ଼ ଓ ଛୁରୀ ଓ ମଦ ଜବତ କରିଥିଲା। ଗିରଫ ଦୁଇ ଯୁବକମାନେ ହେଲେ ଖନ୍ତାପଡ଼ା ଥାନା ଇଞ୍ଚୁଡ଼ି ଗ୍ରାମର ନିରଞ୍ଜନ ଦାସ ଓ ଅନ୍ୟ ଜଣେ ସୋର ଥାନା ଅନ୍ତର୍ଗତ ମୂଳିସିଂ ଗ୍ରାମର ନବୀନ ଦାସ। ସୋର ପୋଲିସ ଉକ୍ତ ଘଟଣାର ତଦନ୍ତ ଚଳାଇଛି।

## ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ

**ବାହାନଗା, ୨୨।୨(ଡି.ଏନ.ଏ.)**

ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳରେ ୭ ଦିନ ଧରି ଚାଲିଥିବା ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ରମେଶ ରାଉତ ଯୋଗଦେଇ ମହୋତ୍ସବ ଦ୍ୱାରା ଭାଇଚାର ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ମହୋତ୍ସବ କମିଟି ସଭାପତି ଅଶ୍ୱିନୀ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପରମାଣିକ, ସମ୍ମାନନୀୟ ଅତିଥି ଭାବେ ଗିରିଶ ଚନ୍ଦ୍ର ଦାଶ, ଜିଲା ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲା ଛାତ୍ର ବିଜେଡି ସଭାପତି ସିମନ କୁମାର ଦାସ ମହାପାତ୍ର, କମିଟି ସମ୍ପାଦକ ଅନ୍ତର୍ଯ୍ୟାମୀ ପଣ୍ଡା ଓ ସୁକାନ୍ତ ବିନ୍ଧାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷ ରାତିରେ ଚଳଚ୍ଚିତ୍ର ତାରକା ନାୟିକା ଜିନ୍ନ ଓ ରୁଦ୍ର ପ୍ରମୁଖ ଉପସ୍ଥିତ ରହି ଦର୍ଶକମାନଙ୍କୁ ସଂଳାପ, ଗୀତ, ନାଚରେ ବାନ୍ଧି ରଖିଥିଲେ। ଶେଷ ସନ୍ଧ୍ୟାରେ ହ୍ୟୁମାନ୍ ସାଗର ଓ ତାଙ୍କ ମେଲୋଡି ଟିମ୍ ଦର୍ଶକମାନଙ୍କୁ ତାଙ୍କ ସଙ୍ଗୀତରେ ବାନ୍ଧି ରଖିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।

## ପ୍ରଶ୍ନପତ୍ର ଭାଇରାଲ: ଡିଏସ୍‌ଓର ପ୍ରତିବାଦ

**ଭୋଗରାଇ,୨୨।୨(ଡି.ଏନ.ଏ.)**

ମାଟ୍ରିକ ପ୍ରଶ୍ନପତ୍ର ପରୀକ୍ଷା ସମୟରେ ମୋବାଇଲ୍‌ରେ ଭାଇରାଲ ହେବା ଘଟଣା ରାଜ୍ୟରେ ଚର୍ଚ୍ଚା ହେଉଥିବା ବେଳେ ଏଆଇଡିଏସ୍‌ଓ ପକ୍ଷରୁ ବିରୋଧ କରାଯାଇଛି। ପ୍ରତିବର୍ଷ ସରକାର ଛାତ୍ରୀଛାତ୍ରଙ୍କ ଠାରୁ ଅର୍ଥ ଆଦାୟ କରି ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବାକୁ ଡିଣ୍ଡିମ ପିଟୁଥିବା ବେଳେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ କିମ୍ବା ଭାଇରାଲ ହେବା ମାଟ୍ରିକ ପରୀକ୍ଷାର୍ଥୀଙ୍କ ସହିତ ଖେଳ ଖେଳାଯାଉଛି ବୋଲି ଡିଏସ୍‌ଓ ଅଭିଯୋଗ କରିଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଶିକ୍ଷା ବିଭାଗ ଓ ରାଜ୍ୟସରକାରଙ୍କ ଦାୟିତ୍ୱ ହୀନତା ଯୋଗୁ ଏଭଳି ଘଟଣା ଘଟି ଚାଲିଛି ବୋଲି ଡିଏସ୍‌ଓ କହିଛି।




ଥାନାଛକ ଠାରେ ଡିଏସ୍‌ଓର ପ୍ରତିବାଦ ସଭା।

ଶୁକ୍ରବାର ଥାନାଛକଠାରେ ଡିଏସ୍‌ଓ ଭୋଗରାଇ ଶାଖା ପକ୍ଷରୁ ପ୍ରଶ୍ନପତ୍ର ଭାଇରାଲ ପ୍ରତିବାଦରେ ଏକ ସଭା କରାଯାଇଛି। ଛାତ୍ରୀନେତ୍ରୀ କ୍ରୀଷ୍ଣାରାଣୀ ସାହୁ, ଛାତ୍ରନେତା ହରେକୃଷ୍ଣ ଦାସ, ପ୍ରଶାନ୍ତ ଦାସ, ମନୋଜ କୁମାର ପାତ୍ର, ଜୟକୃଷ୍ଣ ମଣ୍ଡଳ, ଆଶୁତୋଷ ଦେ ପ୍ରମୁଖ ପ୍ରଶ୍ନପତ୍ର ଭାଇରାଲ କରିଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବିଚାର ବିଭାଗୀୟ ତଦନ୍ତ ଦାବି ସହ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟସରକାରଠାରେ ଦାବି ରଖିଥିଲେ।



ଧନ୍ୟବାଦ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ

# ଧନ୍ୟବାଦ ଦେଲେ ଅଞ୍ଚଳବାସୀ

**ସଜନାଗଡ଼,୨୨।୨(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଫେବୃୟାରୀ ୧୩ତାରିଖରେ ବାଲେଶ୍ୱର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଆଦିବାସୀ ବହୁଳ ନୀଳଗିରିରେ ଲାଗି ରହିଥିବା ପାନୀୟଜଳ ସମସ୍ୟା ଦୂରୀକରଣ ପାଇଁ ବସୁଧା ଯୋଜନାରେ ୧୭୩ କୋଟି ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁବାର ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତର ଗୋଡ଼ିଶୁଳ ସେବାଶ୍ରମ ପାଖ ପଡ଼ିଆରେ ନୀଳଗିରିବାସୀ ଏକାଠି ହୋଇ ଧନ୍ୟବାଦ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ୨୫ ପଞ୍ଚାୟତର ଜନସାଧାରଣଙ୍କ ସମେତ ବିଜୁ ଜନତା ଦଳର ଅନେକ ସକ୍ରିୟ ସଦସ୍ୟ ସାମିଲ ହୋଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ବ୍ଲକର ୧୧ଟି ପଞ୍ଚାୟତବାସୀ ଉପକୃତ ହେବେ ବୋଲି କୁହାଯାଇଥିଲା। ତେବେ ଦୀର୍ଘ ୪ବର୍ଷ ପରେ ସରକାର ଏହି ପ୍ରକଳ୍ପକୁ ମଞ୍ଜୁର କରିଥିବାରୁ ସମସ୍ତ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।








## +PILES CLINIC+

Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916

ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION

DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM

VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ମୀମାଂସା ଯୋଜନା ଆମନ୍ତ୍ରଣ

ଇନ୍‌ସଲଭେନ୍ସି ଏବଂ ବ୍ୟାଙ୍କ୍‌ସି କୋଡ୍, ୨୦୧୬ ("ଆଇବିସି") ଅଧୀନରେ ନିମ୍ନବର୍ଣ୍ଣିତ କର୍ପୋରେଟ ଋଣୀଙ୍କ କର୍ପୋରେଟ ଇନ୍‌ସଲଭେନ୍ସି ସମାଧାନ ପ୍ରକ୍ରିୟା ପାଇଁ ମୀମାଂସା ଯୋଜନା ଆମନ୍ତ୍ରଣ କରାଯାଉଛି।

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧. | କର୍ପୋରେଟ ଋଣୀଙ୍କ ନାମ | ମା'ଦୁର୍ଗା ଥର୍ମାଲ୍ ପାୱାର କମ୍ପାନୀ ଲିମିଟେଡ୍ ("କର୍ପୋରେଟ ଋଣୀ") |
| ୨. | କର୍ପୋରେଟ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ପୋରେଟ ଋଣୀ କେଉଁ କର୍ତ୍ତୃପକ୍ଷଙ୍କ ଅଧୀନରେ ନିଗମୀକୃତ/ପଞ୍ଜୀକୃତ | ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ୍ - କଟକ |
| ୪. | କର୍ପୋରେଟ ଋଣୀଙ୍କ କର୍ପୋରେଟ ପରିଚୟ ସଂଖ୍ୟା/ ଲିମିଟେଡ୍ ଲାୟାବିଲିଟି ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | ପଞ୍ଜୀକୃତ କାର୍ଯ୍ୟାଳୟ: ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା-୭୫୩୦୧୦ |
| ୬. | ମୀମାଂସା ବୃତ୍ତିଧାରୀଙ୍କ ନାମ, ଠିକଣା, ଇମେଲ୍ ଠିକଣା ଏବଂ ପଞ୍ଜୀକରଣ ସଂଖ୍ୟା | ପଙ୍କଜ ଧାନୁକା<br>ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧<br>ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା।<br>ପଶ୍ଚିମବଙ୍ଗ, ୭୦୦୧୦୬<br>ପଞ୍ଜୀକୃତ ଇମେଲ: pankajdhanuka@gmail.com<br>ଯୋଗାଯୋଗ ଠିକଣା:<br>ଡେଲୋଇଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି,<br>୧୩ ମହଲା, ବିଲ୍ଡିଂ - ଓମେଗା,<br>ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍-ଇପି ଓ ଜିପି<br>ସେକ୍ଟର-ଭି, ସଲ୍ଟ ଲେକ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>ଯୋଗାଯୋଗ ଇମେଲ: inmtpclip@deloitte.com |
| ୭. | କର୍ପୋରେଟ ଋଣୀଙ୍କ ଇନ୍‌ସଲଭେନ୍ସି ଆରମ୍ଭ | ଜୁନ୍ ୮, ୨୦୧୮ |
| ୮. | ମୀମାଂସା ଯୋଜନା ଦାଖଲର ଶେଷ ତାରିଖ | ଏପ୍ରିଲ ୭, ୨୦୧୯ |

କର୍ପୋରେଟ ଋଣୀଙ୍କ ମୀମାଂସା ବୃତ୍ତିଧାରୀ ଶ୍ରୀ ପଙ୍କଜ ଧନୁକା ("ଆରପି")ଙ୍କ ଉପରେ ଆଇବିସିର ଧାରା ୨୫(୨)(ଏଚ୍)ର ନିୟମ ଅଧୀନରେ ନ୍ୟସ୍ତ କର୍ତ୍ତବ୍ୟ କ୍ରମେ, ଆରପି ଅକ୍ଟୋବର ୨୯, ୨୦୧୮ ଦିନ ଆଗ୍ରହର ପରିପ୍ରକାଶ ଦାଖଲ ପାଇଁ ଆମନ୍ତ୍ରଣ ମାଧ୍ୟମରେ କର୍ପୋରେଟ ଋଣୀଙ୍କ ସଂକ୍ରାନ୍ତରେ ମୀମାଂସା ଯୋଜନା ଉପସ୍ଥାପନ କରିବା ପାଇଁ ସମ୍ଭାବ୍ୟ ଯୋଗ୍ୟ ମୀମାଂସା ଆବେଦନକାରୀଙ୍କୁ ଆମନ୍ତ୍ରଣ ଜଣାଇଥିଲେ (ଯାହା ସଂଶୋଧିତ ହୋଇ ନଭେମ୍ବର ୧୯, ୨୦୧୮ ଦିନ ପୁନଃ ପ୍ରକାଶିତ ହୋଇଥିଲା)।

ସିପି (ଆଇବି) ନଂ.୧୨୯/କେବି/୨୦୧୮ରେ ସଂଖ୍ୟା ସିଏ(ଆଇବି) ନଂ. ୯୪୮/କେପି/୨୦୧୯ଧାରୀ ଆବେଦନରେ ମାନ୍ୟବର ଏନ୍‌ସିଏଲ୍‌ଟି, କୋଲକାତା ଖଣ୍ଡପୀଠଙ୍କ ଦ୍ୱାରା ମଞ୍ଜୁର ସମୟକୁ ଛାଡ଼ି ଏବଂ ଫେବୃୟାରୀ ୧୫ ୨୦୧୯ରେ ଋଣଦାତା କମିଟି ("ସିଓସି")ର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅକ୍ଟୋବର ୨୯, ୨୦୧୮ରେ ପ୍ରକାଶିତ (ଯାହା ସଂଶୋଧିତ ହୋଇ ନଭେମ୍ବର ୧୯, ୨୦୧୮ ଦିନ ପୁନଃ ପ୍ରକାଶିତ ହୋଇଥିଲା) ଆଗ୍ରହର ପରିପ୍ରକାଶ ଦାଖଲ ପାଇଁ ଆମନ୍ତ୍ରଣ କରୁଥିବା ମୀମାଂସା ଯୋଜନାର ବିଦ୍ୟମାନ ଆମନ୍ତ୍ରଣରୁ ରଦ୍ଦ ଓ ବାତିଲ କରାଯାଉଛି ଏବଂ ଆଇବିସିର ଧାରା ୨୯ଏ ଅଧୀନରେ ଅଯୋଗ୍ୟ ନ ଥିବା ସମସ୍ତ ସମ୍ଭାବ୍ୟ ମୀମାଂସା ଆବେଦନକାରୀ ("ସମ୍ଭାବ୍ୟ ମୀମାଂସା ଆବେଦନକାରୀ")ଙ୍କ ପାଇଁ ଏତଦ୍ୱାରା ଏକ ନୂଆ ଆମନ୍ତ୍ରଣ ଜାରି କରାଯାଉଛି, ଯେ

ଉପରବର୍ଣ୍ଣିତ ସମୟରେଖା ଅନୁଯାୟୀ କର୍ପୋରେଟ ଋଣୀଙ୍କ ପାଇଁ ମୀମାଂସା ଯୋଜନା ଦାଖଲ କରନ୍ତୁ। ଆଇବିସିର ଧାରା ୨୯ଏ ଅଧୀନରେ ସମ୍ଭାବ୍ୟ ମୀମାଂସା ଆବେଦନକାରୀ ଅଯୋଗ୍ୟ ନୁହନ୍ତି ଏ ସଂକ୍ରାନ୍ତୀୟ ପ୍ରମାଣ ପାଇଁ, ପ୍ରତ୍ୟେକ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ସେମାନଙ୍କ ମୀମାଂସା ଯୋଜନା ସହିତ ଏକ ସତ୍ୟପାଠ (କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ଆକାର ଓ ପଦ୍ଧତିରେ) ଦାଖଲ କରିବାକୁ ହେବ।

କର୍ପୋରେଟ ଋଣୀଙ୍କ ପାଇଁ ମୀମାଂସା ଯୋଜନା ଦାଖଲ କରିବା ପାଇଁ ଇଚ୍ଛୁକ ଯେକୌଣସି ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଆରପିଙ୍କ ନିକଟରେ ବିଧିବଦ୍ଧ ଭାବେ ଷ୍ଟାମ୍ପଯୁକ୍ତ ଏବଂ ସ୍ୱାକ୍ଷରିତ ଗୋପନୀୟତା ଘୋଷଣାନାମା (ଯାହାର ଫର୍ମାଟ୍ କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ) ସମେତ ଏକ ଆଗ୍ରହର ପରିପ୍ରକାଶ ଦାଖଲ କରିବାକୁ ହେବ, ଯାହା ପରେ ଆରପି ସେମାନଙ୍କୁ କର୍ପୋରେଟ ଋଣୀଙ୍କ ସଂକ୍ରାନ୍ତୀୟ ସୂଚନା ସ୍ମାରକ ଏବଂ ଅନ୍ୟାନ୍ୟ ସମ୍ପର୍କିତ ସୂଚନା ଉପଲବ୍ଧ କରାଇବେ।

ଅଧିକନ୍ତୁ, ମୀମାଂସା ଯୋଜନା ଏବଂ ଅନ୍ୟ କୌଣସି ମାନଦଣ୍ଡର ମୂଲ୍ୟାୟନ ପାଇଁ ସିଓସି ମୀମାଂସା ଆବେଦନକାରୀଙ୍କ ନିମନ୍ତେ ପୃଥକ ଭାବେ ମୂଲ୍ୟାୟନ ମାନଦଣ୍ଡ ନିର୍ଦ୍ଧାରିତ କରିପାରନ୍ତି। ଆରପି, ସିଓସିଙ୍କ ତରଫରୁ ଓ ତାଙ୍କ ନିର୍ଦ୍ଦେଶକ୍ରମେ, ଏଠାରେ ବର୍ଣ୍ଣିତ ମୀମାଂସା ଯୋଜନା ଦାଖଲର ଶେଷ ତାରିଖ ପୂର୍ବରୁ, ଆରପିଙ୍କ ସନ୍ତୁଷ୍ଟି ଅନୁଯାୟୀ ଆକାର ଓ ପଦ୍ଧତିରେ ଆଗ୍ରହର ପରିପ୍ରକାଶ ଓ ଗୋପନୀୟତା ଘୋଷଣାନାମା ଦାଖଲ କରିଥିବା ସମସ୍ତ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଏକ ପ୍ରକ୍ରିୟା ଦଲିଲ ଜାରି କରିବେ, ଯେଉଁଥିରେ ମୀମାଂସା ଯୋଜନା ଦାଖଲ ପାଇଁ ସବିସ୍ତୃତ ନିୟମ ଏବଂ ମୂଲ୍ୟାୟନ ମାନଦଣ୍ଡ ରହିବ।

ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଉପରବର୍ଣ୍ଣିତ ସମୟରେଖା ଏବଂ କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ କିମ୍ବା ଆରପିଙ୍କ ଦ୍ୱାରା ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ସୂଚିତ କରାଯାଇଥିବା ଏପରି ଅନ୍ୟାନ୍ୟ ସମୟରେଖା ମଧ୍ୟରେ କର୍ପୋରେଟ ଋଣୀଙ୍କ ସଂକ୍ରାନ୍ତରେ ନିଜର ମୀମାଂସା ଯୋଜନା ଉପସ୍ଥାପନ କରିବାକୁ ହେବ।

ଦୟାକରି ଧ୍ୟାନରେ ରଖନ୍ତୁ ଯେ, ଆଇବିସିର ଧାରା ୩୦(୨)ର ଆବଶ୍ୟକତା ଏବଂ ସିଆଇଆରପି ନିୟମାବଳୀର ବ୍ୟବସ୍ଥାପନକୁ ପୂରଣ କରୁଥିବା ଏପରି ମୀମାଂସା ଯୋଜନାଗୁଡ଼ିକୁ ଆରପି ଆଇବିସି ଅଧୀନରେ ସେଗୁଡ଼ିକର ଅନୁମୋଦନ ପାଇଁ ସିଓସି ନିକଟରେ ଉପସ୍ଥାପନ କରିବେ। ସମସ୍ତ ସମ୍ଭାବ୍ୟ ମୀମାଂସା ଆବେଦନକାରୀମାନେ ଏହି ଆମନ୍ତ୍ରଣ ସଂକ୍ରାନ୍ତରେ ମୀମାଂସା ଯୋଜନା ଏବଂ ତାହା ଅଧୀନ ସମସ୍ତ ମାମଲା ପାଇଁ ବର୍ତ୍ତମାନ ପ୍ରଚଳିତ କିମ୍ବା ଭବିଷ୍ୟତରେ ପ୍ରଚଳିତ ହେବାକୁ ଥିବା ଆଇବିସିର ସମସ୍ତ ଆବଶ୍ୟକତା ଏବଂ ଆଇବିସି ଅଧୀନରେ ପ୍ରଯୁଜ୍ୟ ସମସ୍ତ ନିୟମାବଳୀକୁ ପଢ଼ିବା, ବୁଝିବା ଏବଂ ତାହାର ଅନୁପାଳନ କରିବା ଜରୁରୀ।

ଆରପିଙ୍କ ଦ୍ୱାରା ସିଓସିକୁ ଦାଖଲ କରାଯାଇଥିବା ମୀମାଂସା ଯୋଜନାଗୁଡ଼ିକର ବିଚାର, ମୂଲ୍ୟାୟନ ଏବଂ ଅନୁମୋଦନ ଆଇବିସିର ବ୍ୟବସ୍ଥାପନ ଅଧୀନରେ ସିଓସିଙ୍କ କ୍ଷମତା ମଧ୍ୟରେ ରହିବ। ସମ୍ଭାବ୍ୟ ମୀମାଂସା ଆବେଦନକାରୀ କିମ୍ବା ଆରପିଙ୍କୁ କୌଣସି କାରଣ ନ ଦର୍ଶାଇ ଆରପିଙ୍କ ଦ୍ୱାରା ଅଭିପ୍ରେରିତ ଯେକୌଣସି ମୀମାଂସା ଯୋଜନାକୁ ଅନୁମୋଦନ କିମ୍ବା ରଦ୍ଦ କରିବାର ଅଧିକାର ସିଓସିଙ୍କ ନିକଟରେ ରହିବ।

କୌଣସି କାରଣ ନ ଦର୍ଶାଇ ଏବଂ କୌଣସି ପ୍ରକୃତିର ଉତ୍ତରଦାୟିତା ବିନା ଆମନ୍ତ୍ରଣକୁ ସଂଶୋଧନ କିମ୍ବା ପରିବର୍ତ୍ତନ କରିବାର ଅଧିକାର ଆରପିଙ୍କ ନିକଟରେ ସଂରକ୍ଷିତ। କୌଣସି ସଂଶୋଧନ କିମ୍ବା ପରିବର୍ତ୍ତନ କର୍ପୋରେଟ ଋଣୀଙ୍କ ୱେବ୍‌ସାଇଟ୍ - www.mtpcl.inରେ ସ୍ଥାନିତ କରାଯିବ। ସଦ୍ୟତମ ସୂଚନା ପାଇଁ ନିୟମିତ ଭାବେ ୱେବ୍‌ସାଇଟ୍ ଦେଖିବା ପାଇଁ ସମ୍ଭାବ୍ୟ ମୀମାଂସା ଆବେଦନକାରୀଙ୍କୁ ଅନୁରୋଧ କରାଯାଉଛି।

କୌଣସି ସ୍ପଷ୍ଟୀକରଣ ପାଇଁ, ଦୟାକରି ନିଃସଙ୍କୋଚରେ ଯୋଗାଯୋଗ କରନ୍ତୁ: inmtpclip@deloitte.com

ଫେବୃୟାରୀ ୨୩, ୨୦୧୯
କୋଲକାତା

ସ୍ୱା./-
ପଙ୍କଜ ଧାନୁକା
ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା,
ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
ଯୋଗାଯୋଗ ଇମେଲ୍: inmtpclip@deloitte.com
ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ

## ସଂକ୍ଷେପରେ

### ପ୍ରଥମ ଦିନରେ ୩୭ ପରୀକ୍ଷାର୍ଥୀ ଅନୁପସ୍ଥିତ

କୁଆମରା, ୨୨।୨ (ଡି.ଏନ.ଏ.): ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ଗୋପବନ୍ଧୁନଗର ବ୍ଲକର ମୋଟ ୭ଟି କେନ୍ଦ୍ରରେ ୧୩୭୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ବିଭିନ୍ନ କେନ୍ଦ୍ରରେ ୩୭ ଜଣ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। କୁଶଳଦା ହାଇସ୍କୁଲରେ ୮, ପୁରୁଣା ବାରିପଦା ରିଜିଓନାଲ ଏକାଡେମୀରେ ୧୦, କୁଆମରା ବାଳିକା ଉଚ୍ଚ ବିଦ୍ୟାଳୟରେ ୪, କୁଆମରା ଉଚ୍ଚ ବିଦ୍ୟାଳୟରେ ୪, ଖୁଣ୍ଟା ବାଳିକା ଉଚ୍ଚ ବିଦ୍ୟାଳୟରେ ୪ ଏବଂ ଖୁଣ୍ଟା ହାଇସ୍କୁଲରେ ୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ତେବେ ଅନେକ ପରୀକ୍ଷା କେନ୍ଦ୍ରକୁ ଗଣମାଧ୍ୟମକୁ ପ୍ରବେଶ କରିବାକୁ ଦିଆଯାଇ ନ ଥିବାରୁ ଏନେଇ ସଂଘ ପକ୍ଷରୁ ଶିକ୍ଷା ବିଭାଗକୁ ସମାଲୋଚନା କରାଯାଇଛି।

### ସାଇ ଆଙ୍ଗନ ଉତ୍ସବ

ବାଙ୍ଗିରିପୋଷି, ୨୨।୨(ଡି.ଏନ.ଏ.): ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ କୁସମବନ୍ଧସ୍ଥିତ ଗୁରୁକୁଳ ବିଦ୍ୟାମନ୍ଦିରରେ ତାର ପ୍ରଥମ ବାର୍ଷିକ ସାଇ ଆଙ୍ଗନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଳ କୁସୁମବନ୍ଧର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗୁରୁକୁଳ ଶିକ୍ଷା ପରିଷଦର ସଭାପତି ଅକ୍ଷୟ କୁମାର ଭୋଜ, ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ କଲେଜର ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ପବିତ୍ର ମୋହନ ଦାଶ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଚିତ୍ତରଞ୍ଜନ ଗିରି, ନିରଞ୍ଜନ ନନ୍ଦ, ଅଲେଖ ବେହେରା ଓ ରଘୁନନ୍ଦନ ଅଧିକାରୀ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ବଳନ ପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଗୁରୁକୁଳର ଅଧକ୍ଷା ବନ୍ଦନା ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କୁନି କୁନି ପିଲାମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

### ସମସ୍ୟା ଘେରରେ ବିଦ୍ୟାଳୟ
### ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ ଅଭିଭାବକ



ବାରିପଦା ଅଫିସ,୨୨।୨: ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକସ୍ଥିତ ଛାଡକଟା ଆଶ୍ରମ ବିଦ୍ୟାଳୟରେ ବିଭିନ୍ନ ଅସୁବିଧା ଲାଗି ରହିଛି। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଏସଏମସି କମିଟିର ସଦସ୍ୟଙ୍କ ସମେତ ଅଭିଭାବକ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ତାଲା ପକାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଆଶ୍ରମ ବିଦ୍ୟାଳୟରେ ୩୫୦ରୁ ଅଧିକ ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରହି ପାଠ ପଢ଼ନ୍ତି। ସେଥି ମଧ୍ୟରୁ ୨୦୦ ଛାତ୍ରୀ ଏବଂ ୧୦୦ରୁ ଅଧିକ ଛାତ୍ର ରହୁଛନ୍ତି। ଏହି ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ବିଦ୍ୟାଳୟରେ ମାତ୍ର ଦୁଇ ଜଣ ଶିକ୍ଷକ ରହିଛନ୍ତି। ଛାତ୍ରୀଙ୍କ ସୁରକ୍ଷା ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନାହିଁ। ପିଲାମାନଙ୍କୁ ରୋଷେଇ କରି ଖାଇବାକୁ ଦେବା ପାଇଁ ମଧ ରୋଷେୟା ନାହାନ୍ତି ବୋଲି ଏସଏମସି କମିଟି ସଦସ୍ୟଙ୍କ ସହ ଛାତ୍ରୀଛାତ୍ରଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ଏ ନେଇ ଆଜି ସେମାନେ ୪୯ ନମ୍ବର ଜୋନର ଜିଲା ପରିଷଦ ସଭ୍ୟା ଗୀତା ହେମ୍ବ୍ରମଙ୍କ ନେତୃତ୍ୱରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ସହ ସାକ୍ଷାତ କରି ଦାବି ପାତ୍ର ଦେଇଛନ୍ତି। ସ୍କୁଲ କମିଟିର ଅଧ୍ୟକ୍ଷ ନରେଶ ହେମ୍ବ୍ରମ, ଉପାଧ୍ୟକ୍ଷ ପ୍ରମିଳା କିସ୍କୁଙ୍କ ସମେତ ଅଭିଭାବକ ସରୱାଲି ଟୁଡୁ, ଭାଗମଣି ମାଣ୍ଡି, ମାହି ହେମ୍ବ୍ରମ, ବ୍ରଜମୋହନ ହେମ୍ବ୍ରମ, ଏସଏମସି ମେମ୍ବର ଧନୟ ମୁର୍ମୁଙ୍କ ସମେତ ଅନ୍ୟମାନେ ଅଭିଯୋଗ ଜଣାଇଥିଲେ। ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ଜିଲାପାଳ ଏ ନେଇ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

■ ଆସୁଛି ଗ୍ରୀଷ୍ମ

# ଅଗ୍ନି ନିରାପତ୍ତା, ଜଳସଙ୍କଟ ନେଇ ଚିନ୍ତା

ବଡ଼ସାହି, ୨୨।୨(ସ୍ୱ.ପ୍ର.)

ପରିବର୍ତ୍ତନଶୀଳ ଦୁନିଆରେ ବିଧି ବ୍ୟବସ୍ଥାକୁ ପରିବର୍ତ୍ତିତ କରିନପାରିଲେ ସବୁ କ୍ଷେତ୍ରରେ ବିଫଳତା ଆସିଥାଏ । ଏ ନେଇ ପଚଳିତ ବ୍ୟବସ୍ଥା ମୂଲ୍ୟହୀନ ହୋଇପଡେ। ଯାହାର ଉଦାହରଣ ମୟୂରଭଞ୍ଜ ଜିଲାର ଅଗ୍ନିଶମ ଓ ବିପର୍ଯ୍ୟୟ ପରିଚାଳନା ସେବା । ଏକ ବର୍ଷ ପୂର୍ବେ ୨୪୧ଟି ସଂସ୍ଥାକୁ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ପାଇଁ ବିଭାଗ ପକ୍ଷରୁ ଚିଠି କରାଯାଇଥିଲେ ମଧ ଅଦ୍ୟାବଧି ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇ ନାହିଁ । ଅତ୍ୟାଧୁନିକ ଯନ୍ତ୍ରପାତି ଓ କର୍ମଚାରୀ ଅଭାବ ପାଇଁ ଜରୁରୀ କାଳୀନ ସେବା ଭଗବାନଙ୍କ ହାତରେ ।

ମୟୂରଭଞ୍ଜ ମହାରାଜାଙ୍କର ରାଜତ୍ୱ କାଳରେ ୧୯୫୬ ମସିହାରେ ବାରିପଦା ବେଲଗଡିଆ ଠାରେ ପ୍ରତିଷ୍ଠିତ ହୋଇଥିଲା ଏକ ଦମକଳ କେନ୍ଦ୍ର। ଏହି କେନ୍ଦ୍ର କାର୍ଯ୍ୟକରିବା ଆରମ୍ଭ ହୋଇଥିବା ବେଳେ ପାର୍ଶ୍ୱରେ ଥିବା ଘୋଡାଶାଳ ଗୃହ କର୍ମଚାରୀଙ୍କ ବାସଭବନ ପାଲଟିଛି। ଦୀର୍ଘ ୬୩ବର୍ଷ ଧରି ଜିଲା ସଦର ମହକୁମାର ଜରୁରୀ ବ୍ୟବସ୍ଥା ଚାଲିଅଛି। ଗତ ୩ବର୍ଷ ଅର୍ଥାତ ୨୦୧୬ ମସିହାରୁ ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣା ସହରାଞ୍ଚଳରେ ବଢ଼ିବାରେ ଲାଗିଛି। ବିଦ୍ୟୁତ ସର୍ଟ ସର୍କିଟ ଓ ଗ୍ୟାସ ସିଲିଣ୍ଡର ଜନିତ ଅଗ୍ନିକାଣ୍ଡ ଏବେ ସହରାଞ୍ଚଳ ପାଇଁ ନୂଆ ସମସ୍ୟା ଅଗ୍ନିକାଣ୍ଡ ବ୍ୟତୀତ ଅଗ୍ନିଶମ ବିଭାଗ ସହିତ ବିପର୍ଯ୍ୟୟ ପରିଚାଳନା ସେବା ଜଡିବା ପରେ ଏହି ବିଭାଗର ଗୁରୁତ୍ୱ ବଢ଼ିଯାଇଛି । ସହରରେ ନିର୍ମିତ ୩ ମହଲାରୁ ଊର୍ଦ୍ଧ୍ୱ କୋଠାରେ ଅଘଟଣ ଘଟିଲେ ବାରିପଦାସ୍ଥିତ ଦମକଳ କେନ୍ଦ୍ର ମୁକାବିଲା କରିବା ଅସମ୍ଭବ । ଜିଲା ସଦରମହକୁମାରେ ଥିବା ଦମକଳ କେନ୍ଦ୍ରରେ ୧୫ହଜାର, ୮ହଜାର, ୪୫ଶହ ଓ ୩୫ଶହ ଲିଟର ପାଣି କ୍ଷମତା ଥିବା ବେଳେ ବହୁତଳ ସିଡି ମାଧମରେ ମାତ୍ର ୩୩ଫୁଟ ଉପର ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ମୁକାବିଲା କରିପାରିବ। ବାରିପଦା ସହରରେ ଥିବା ସରକାରୀ, ବେସରକାରୀ ସ୍କୁଲ, ହୋଟେଲ, ନର୍ସିଂ ହୋମ, ବିଲ୍ଡିଂ ମଧ୍ୟରୁ ୨୪୧ଟି ସଂସ୍ଥାକୁ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ପାଇଁ ବିଭାଗ ପକ୍ଷରୁ ଚିଠି ନମ୍ବର ୧୩୧୨/ ୧୭ ଫେବୃଆରୀ ୨୦୧୭ରେ ନୋଟିସ ଦିଆଯାଇଛି । ମାତ୍ର ଏକ ବର୍ଷ ପୁରିଥିଲେ ହେଁ ଅଦ୍ୟାବଧି ୧୫ଟି ଅନୁଷ୍ଠାନ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯାଇଛି । ତେବେ ବିଭାଗ ପକ୍ଷରୁ ଉକ୍ତ ସଂସ୍ଥାମାନଙ୍କରେ ଚଢାଉ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତି ବ୍ଲକରେ ଦମକଳକେନ୍ଦ୍ର ପ୍ରତିଷ୍ଠାରୁ ମାତ୍ର ଗୋଟିଏ ସ୍ଥାନ କୁଳିଅଣାରେ ଦମକଳ କେନ୍ଦ୍ର ଖୋଲିବା ବାକି ଅଛି। ୨୫ଟି ଦମକଳ କେନ୍ଦ୍ର ମଧ୍ୟରୁ ବାଲିଡିହା ଓ ଚିତ୍ରଡା କେନ୍ଦ୍ର ଗୁଡିକ ନିଜସ୍ୱ ଘର ନିର୍ମାଣ ହୋଇ ନାହିଁ। ଫାଇଲିନ ପରେ ଜିଲାକୁ ୨ଟି ପାୱାର ବୋଟ ମିଳିଥିବା ବେଳେ ବାଙ୍ଗିରିପୋଷି, ବଡ଼ସାହି, ବେତନଟୀ, ଉଦଳା, କପ୍ତିପଦା, ରାସଗୋବିନ୍ଦପୁର, ଚିତ୍ରଡା ଆଦି ବନ୍ୟା ପ୍ରବଣ କେନ୍ଦ୍ର ଗୁଡିକୁ ଗୋଟିଏ ଲେଖାଏଁ ବୋଟ ମିଳିଛି। ଜିଲାର ପ୍ରତି ଦମକଳ କେନ୍ଦ୍ରରେ ୧୦ଜଣ ଆଗ୍ନିକ, ୨-୨ଜଣ ହାବିଲଦାର ଓ ଡ୍ରାଇଭର ତଥା ଜଣେ ଅଫିସର ରହିବା ନିୟମ ଥିବା ବେଳେ ବିଭିନ୍ନ କେନ୍ଦ୍ରରେ ପଦବୀ ଫାଙ୍କା ପଡିଛି। ଜିଲାରେ ଥିବା ଦମକଳ କେନ୍ଦ୍ରରେ ୨ଜଣ ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଓ ୨ଜଣ ଆଗ୍ନିକ ପଦବୀ ଫାଙ୍କା ପଡିଛି । ଲୋକଙ୍କ ସେବାରେ ବିନିଯୋଗ ହେଉଥିବା ଜଳକରର ଟିକସ ଏବେ ବିଭାଗ ପୈଠ କରିବା ପାଇଁ ସକ୍ଷମ ହେଉନଥିବା ବେଳେ ଏହାର ଛାଡ ପାଇଁ ଜିଲାପାଳଙ୍କୁ ପତ୍ରମାଧ୍ୟମରେ ଅନୁରୋଧ କରିବେ ବୋଲି ଏଏଫ୍ଓ ପ୍ରକାଶ କୁମାର ଜେନା ପ୍ରତିକ୍ରିୟା ଦେଇଛନ୍ତି । ବିପର୍ଯ୍ୟୟ ଓ ଅଘଟଣର ରୂପ ସହିତ ତାଳ ଦେବା ପାଇଁ ବିଭାଗ ପକ୍ଷରୁ ଆଧୁନିକ ଜ୍ଞାନ କୌଶଳର ଯନ୍ତ୍ରପାତି ଓ ଏହାର ଉପଯୋଗ ପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରିବା ପାଇଁ ବାରିପଦାବାସୀ ମାନସ ରଞ୍ଜନ ଜେନା, ମଧୁବନ ଡେଭଲପ୍‌ମେଣ୍ଟ କମିଟିର ସଭାପତି ବିକ୍ରମ କେଶରୀ ଜେନା, ଭାନୁମିତ୍ର ଆଚାର୍ଯ୍ୟ, ମଳୟ କୁମାର ମହାପାତ୍ର, ଆଇନଜୀବୀ ବିଭୁ ପ୍ରସାଦ ଦାଶ ପ୍ରମୁଖ ଦାବି କରିଛନ୍ତି ।

■ ଜଗଦ୍ଧାତ୍ରୀ ଦେବୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ସମାରୋହ

## ରାଜା ରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ

ଉଦଳା, ୨୨।୨ (ଡି.ଏନ.ଏ.)

ଉଦଳା ବସ୍‌ଷ୍ଟାଣ୍ଡ ପରିସରରେ ଜଗଦ୍ଧାତ୍ରୀ ଦେବୀଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। ତ୍ରିଦିବସୀୟ ଏହି ସମାରୋହରେ ବୁଧବାର ସକାଳେ ସୋନ ନଦୀର ଜିରିଡ଼ା ଘାଟରୁ ଘଟୋତ୍ତୋଳନ କରାଯାଇ ଏକ କଳସ ଶୋଭାଯାତ୍ରା ସହର ପରିକ୍ରମା କରି ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ମଣ୍ଡପକୁ ପ୍ରବେଶ କରିଥିଲା। ଅଧିବାସ ପରେ ଯଥାରୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୁରୁବାର ଦେବୀ ଜଗଦ୍ଧାତ୍ରୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ପରେ ଶୁକ୍ରବାର ଯଜ୍ଞ ମଣ୍ଡପରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର, ରଞ୍ଜନ ନନ୍ଦ, ତାପସ ତ୍ରିପାଠୀ, ଅନିରୁଦ୍ଧ ଆଚାର୍ଯ୍ୟ, ରତ୍ନାକର ଦାସଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟପୂଜା, ମହାସ୍ନାନ, ଷୋଡ଼ଶ ଉପଚାର ପୂଜା, ୧୦୮ ହୋମ ସହ ଘୃତଯଜ୍ଞ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟା ବେଳେ



ନୂତନ ମନ୍ଦିରରେ ଜଗଦ୍ଧାତ୍ରୀଙ୍କ ରାଜରାଜେଶ୍ୱରୀ ବେଶ ।

ମହାସ୍ନାନ ପରେ ଦେବୀ ଜଗଦ୍ଧାତ୍ରୀ ରାଜା ରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏଥିପାଇଁ ମନ୍ଦିର ପରିସରରେ ମହିଳା, ପୁରୁଷ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

ମୁଖ୍ୟକର୍ତ୍ତା ଭାବେ ବସ୍ ମାଲିକ ସଂଘର କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ବେହେରା ଓ ତାଙ୍କ ସହଧର୍ମିଣୀ ଯମୁନା ବେହେରା ଏବଂ ହେମନ୍ତ ଦାସ ଓ ତାଙ୍କ ସହଧର୍ମିଣୀ ଦିବାସିନୀ ଦାସ ପୂଜା କରିଥିଲେ। ସଂଘ ପକ୍ଷରୁ ତିନିଦିନ ଧରି ପ୍ରସାଦ ସେବନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦଳା ବସ୍ ମାଲିକ ସଂଘର ମୁଖ୍ୟ ହରପ୍ରସାଦ ଦାସ, ସରୋଜ କୁମାର ସାମଲ, କମଳାକାନ୍ତ ରଣା, ସୁମନ୍ତ ନନ୍ଦ, ନୀଳମଣି ଚୌଧୁରୀ, ଅଶୋକ ସାହୁ, ସନ୍ତୋଷ ବେହେରା, ସିଦ୍ଧାର୍ଥ ଜେନା, କମଳାକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ଘରୋଇ ବସ୍ ମାଲିକ ଓ ମୋଟର କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହାବ୍ୟତୀତ ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ, ବିଷ୍ଣୁପାଦ ସଦୁଆଳ, କିଶୋର ଚନ୍ଦ୍ର ପରିଡ଼ାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## କଲେଜର ବାର୍ଷିକ ଉତ୍ସବ

ବଡ଼ସାହି, ୨୨।୨(ସ୍ୱ.ପ୍ର.)

ବଡ଼ସାହି ପଞ୍ଚାୟତ ସମିତି କଲେଜ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁଶାନ୍ତ ବସା, ମୁଖ୍ୟବକ୍ତା ଭାବେ ଡକ୍ଟର ସନତ ଦାଶ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରଣଜିତ ଦାସ, ନାଟ୍ୟକାର ମନରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସ୍ଥିର ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା ବଳରେ ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହୁଏ ବୋଲି ମତବ୍ୟକ୍ତ କରିଥିଲେ। କର୍ତ୍ତବ୍ୟ ପରାୟଣ ହେବା ସହ ଗୁରୁଭକ୍ତି ଓ ମାତାପିତା ଭକ୍ତି ଦ୍ୱାରା ସଫଳତା ହାସଲ କରିହୁଏ ବୋଲି ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ପ୍ରାରମ୍ଭରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରୀଛାତ୍ର ମହମବତୀ ପ୍ରଜ୍ଜ୍ୱଳନ ପୂର୍ବକ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଅଧ୍ୟାପକ ବିନୋଦ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ହରିହର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ଅଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର



@ ଲିପୁନ୍



@ ନିତ୍ୟ



@ ଶିବମ୍

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମାଟ୍ରିକ ପରୀକ୍ଷା: କପି କରି ଧରାପଡ଼ିଲେ ୩ ପରୀକ୍ଷାର୍ଥୀ

ବାରିପଦା ଅଫିସ,୨୨।୨

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲାର ୬୦୮ଟି ହାଇସ୍କୁଲରେ ୩୬ହଜାର ୩୦୯ ପରୀକ୍ଷାର୍ଥୀ ୧୭୨ କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩ହଜାର ୩୨୫ ଜଣ ରେଗୁଲାର ଓ ୨ ହଜାର ୯୮୪ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ। ପ୍ରଥମ ଦିନରେ ୩ ଜଣ କପି କରି ଧରାପଡିଥିବା ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା କହିଛନ୍ତି।

ମୟୂରଭଞ୍ଜ ଜିଲାର କୌଣସି କେନ୍ଦ୍ରରୁ ପ୍ରଶ୍ନପତ୍ର ଲିକ୍ ହୋଇ ନ ଥିବା ଜିଲା ଶିକ୍ଷା ଅଧିକାରୀ କହିଛନ୍ତି। ପରୀକ୍ଷାର୍ଥୀମାନେ ସକାଳ ୯ଟା ୧୫ରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିଥିଲେ। ୯ଟା ୩୦ରେ ଓଏମଆର ସିଟ୍ ପ୍ରଦାନ କରାଯାଇଥିବା ବେଳେ ୯ଟା ୪୫ରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ପ୍ରଶ୍ନପତ୍ରଗୁଡିକ ସୁରକ୍ଷିତ ଭାବେ ୧୬ ନୋଡାଲ ସେଣ୍ଟରରେ ରଖାଯାଇ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସକାଳ ୬ଟାରୁ ୮ଟା ମଧ୍ୟରେ ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିଉର। ସେହିପରି ପରୀକ୍ଷା ସରିବା ପରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପରୀକ୍ଷା ଖାତାଗୁଡିକୁ ନୋଡାଲ ସେଣ୍ଟରକୁ ଅଣାଯାଇଥିଲା।

■ ଚକୁଳିଆରେ ବିଜେଡି କର୍ମୀ ସମ୍ମିଳନୀ

## ଦଳକୁ ମଜଭୁତ କରିବାକୁ ଆହ୍ୱାନ

ବାରିପଦା ଅଫିସ,୨୨।୨

ମୟୂରଭଞ୍ଜ ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାସଗୋବିନ୍ଦପୁର ବ୍ଲକ ଚକୁଳିଆ ଗାଁରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତିଙ୍କ ନେତୃତ୍ୱରେ ଏକ ବିରାଟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସଭାପତି ମହାନ୍ତି ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲାକୁ ଗତ କିଛି ଦିନ ମଧ୍ୟରେ ୨ ଥର ଗସ୍ତ କରିଥିଲେ। ଜିଲାବାସୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସହ ଉଦ୍‌ଘାଟନ କରିଥିଲେ। ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରିଂ ରୋଡ ନିର୍ମାଣ, ଅର୍ବାନ ବ୍ୟାଙ୍କ ପୁନଃ ପରିଚାଳନା ପାଇଁ କେନ୍ଦ୍ରକୁ ଅବଗତ କରିବା, ବାରିପଦାରେ ଛଉ ନୃତ୍ୟ ଗବେଷଣା ପ୍ରତିଷ୍ଠାନ ସ୍ଥାପନ, ବାରିପଦା ଆୟୁର୍ବେଦ କଲେଜକୁ ସରକାରୀ କରିବା, ରାଇରଙ୍ଗପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ସଂପ୍ରସାରଣ କରିବା, ରାଇରଙ୍ଗପୁରରେ ଏକ ଉନ୍ନତ ଖେଳ ପଡ଼ିଆ ନିର୍ମାଣ କରିବା ଏବଂ ରାଇରଙ୍ଗପୁର ଓ କରଞ୍ଜିଆ ଉପଖଣ୍ଡ ପାଇଁ ଜଣେ ଅତିରିକ୍ତ ଜିଲାପାଳ ନିଯୁକ୍ତି କରିବା ଆଦି ଘୋଷଣା କରିଥିଲେ। ଆଦିବାସୀ ଅଧୁଷିତ ବଣପାହାଡ ଘେରା ମୟୂରଭଞ୍ଜ ଜିଲାକୁ ସ୍ୱାଧୀନତା ପରେ କୌଣସି ସରକାର ଏଭଳି ଉପହାରେ ଦେଇ ନ ଥିଲେ। ଜିଲାର ସମସ୍ତ ବିଧାନସଭା ଓ ଲୋକସଭା ଆସନରେ ଦଳକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମାବେଶରେ ମୋରଡା ନିର୍ବାଚନ ମଣ୍ଡଳୀର ଦଳୀୟ କର୍ମୀ, ବୁଦ୍ଧିଜିବି, ବିଜୁ ପ୍ରେମି ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକ କିମ୍ବା ଆଗଧାଡିର କୌଣସି ନେତୃବୃନ୍ଦଙ୍କୁ ଦେଖିବାକୁ ମିଳି ନ ଥିଲା। ଗତ ଜାନୁୟାରୀ ୨୫ରେ ଏହି ନିର୍ବାଚନ ମଣ୍ଡଳୀର ଗଡିଆଠାରେ ଏବଂ ଫେବୃୟାରୀ ୮ରେ ଚଢ଼େଇଗାଁ ପଞ୍ଚାୟତର କାଦୁଆଣିଠାରେ ଜିଲା କାର୍ଯ୍ୟକାରୀ ସଭାପତି ମହାନ୍ତି ଉପରୋକ୍ତ କାର୍ଯ୍ୟକ୍ରମ ଭଳି ଦଳୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ କରି ସାରିଛନ୍ତି। ଯେଉଥିରେ ଆଗ ଧାଡିର ବିଜେଡି ନେତା କିମ୍ବା ସ୍ଥାନିୟ ବିଧାୟକ ଉପସ୍ଥିତ ନ ଥିବା ବେଳେ କେବଳ ଦଳୀୟ ବ୍ଲକ ପର୍ଯ୍ୟବେକ୍ଷକ ଉପସ୍ଥିତ ରହିଥିଲେ। ଏହି କାଯ୍ୟକ୍ରମରେ ମଧ ରାସଗୋବିନ୍ଦପୁର ବ୍ଲକ ଦଳୀୟ ପର୍ଯ୍ୟବେକ୍ଷକ ପ୍ରତିକ୍ଷା ସିଂ ଉପସ୍ଥିତ ଥିଲେ।



ଦେବାଶିଷ ମହାନ୍ତି ସଭାରେ ଉଦ୍‌ବୋଧନ ଦେଉଛନ୍ତି।

## ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ୍‌ଲାଇଟ୍ ଉଦ୍‌ଘାଟିତ

ରାଇରଙ୍ଗପୁର, ୨୨।୨(ଡି.ଏନ୍.ଏ.)

ରାଇରଙ୍ଗପୁର ପୌରାଞ୍ଚଳ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ମହୁଲିଡ଼ିହା ୱାର୍ଡ ନଂ.୧ ରାସ୍ତାରେ ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଉଦ୍‌ଘାଟିତ ହୋଇଯାଇଛି। ରାଇରଙ୍ଗପୁର ବିଧାୟକ ସାଇବା ସୁଶୀଲ କୁମାର ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ନେସ୍କୋ ସହକାରୀ ଯନ୍ତ୍ରୀ ଇଂ ଗିରିଧାରୀ ସାହୁ ଏବଂ ପୌରପରିଷଦ ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ରାଇରଙ୍ଗପୁର ପୌରାଞ୍ଚଳର ୧୫ଟି ବସ୍ତି ଅଞ୍ଚଳରେ ପ୍ରାୟ ୧ କୋଟି ଟଙ୍କା ବିନିମୟରେ ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟକାରୀ କରାଯାଇଥିବର ପୌରପରିଷଦ ନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି।

■ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

## ଅବହେଳିତ ହେଉଛନ୍ତି ଦିବ୍ୟାଙ୍ଗ

ବାରିପଦା ଅଫିସ, ୨୨।୨

ମୟୂରଭଞ୍ଜ ଦିବ୍ୟାଙ୍ଗ ସମାବେଶ ପକ୍ଷରୁ ୨୨ଦଫା ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ବି ଦିବ୍ୟାଙ୍ଗମାନେ ଗାଁ ଗଣ୍ଡାରେ ଅବହେଳିତ, ଉପେକ୍ଷିତ ହେଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଚିକିତ୍ସା ମଧ କରାଯାଉ ନାହିଁ। ଦିବ୍ୟାଙ୍ଗ ପ୍ରମାଣପତ୍ର ମଧ ଠିକ ଭାବେ ପ୍ରଦାନ କରାଯାଉ ନାହିଁ। ଘୋର ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ବାଧ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦିବ୍ୟାଙ୍ଗ ସମାବେଶ ପକ୍ଷରୁ କୁହାଯାଇଛି।

**ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି।

ଦିବ୍ୟାଙ୍ଗଙ୍କ ମାସିକ ସର୍ବନିମ୍ନ ଭତା ୩ ହଜାରକୁ ବୃଦ୍ଧି କରିବା, ସରକାରୀ କ୍ଷେତ୍ରରେ ଖାଲି ପଡ଼ିଥିବା ଦିବ୍ୟାଙ୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ଗୁଡିକ ଅଗ୍ରାଧିକାର ଭିତିରେ ପୂରଣ କରିବା ସହ ସରକାରୀ କ୍ଷେତ୍ରରେ ଥିବା ସଂରକ୍ଷଣକୁ ୧୫ ପ୍ରତିଶତ ବୃଦ୍ଧି କରାଯାଉ, ଦିବ୍ୟାଙ୍ଗଙ୍କୁ ଅଗ୍ରାଧିକାର ଭିତ୍ତିରେ ପଦୋନ୍ନତି ପ୍ରଦାନ କରାଯାଉ, ଦିବ୍ୟାଙ୍ଗମାନଙ୍କୁ ସାମ୍ବିଧାନିକ ଓ ସାମାଜିକ କ୍ଷେତ୍ରରେ ସଂରକ୍ଷଣ ଦିଆଯାଉ ଏବଂ ପ୍ରତ୍ୟେକ ରାଜପିଡିରେ ଅଂଶ ଗ୍ରହଣ କରିବା ପାଇଁ ଦିବ୍ୟାଙ୍ଗଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା କରାଯାଉ, ବେସରକାରୀ କ୍ଷେତ୍ରରେ ୩୦ପ୍ରତିଶତ ନିଯୁକ୍ତିର ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଦାବି ଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ ହେବା ସହ ଚଳିତ ନିର୍ବାଚନରେ ସମସ୍ତ ଦିବ୍ୟାଙ୍ଗ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦିବ୍ୟାଙ୍ଗ ସମାବେଶର ସଭାପତି ଅରୂପ କୁମାର ବେହେରାଙ୍କ ନେତୃତ୍ୱରେ ଏହି ବିକ୍ଷୋଭରେ ଜାଗ ମୟୂରଭଞ୍ଜ ଜାଗର ସଭାପତି ସୋନାଲୀ ପ୍ରୀୟଦର୍ଶନୀ ବେହେରା, ମୁରାଣୀ ବେହେରା, ଆବାହକ ଭରତଚନ୍ଦ୍ର ମାର୍ଣ୍ଡି, କୁଳମଣି ନାୟକ, ମାଧବଚନ୍ଦ୍ର ଧୀର, ନବୀନ ନାୟକ, ବୁଦୁନୀ ସୋରେନ, ରବେନ୍ଦ୍ର ସିଂ, ବାଦଲ ବିନ୍ଧାଣୀ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୨୩ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ବିପର୍ଯ୍ୟୟ ପ୍ରଶମନ ଓ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ



**ବନ୍ତ, ୨୨।୨ (ଡି.ଏନ.ଏ.):** ବନ୍ତ ବ୍ଲକ ଭିଡିଓ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିପର୍ଯ୍ୟୟ ପ୍ରଶମନ ଓ ପ୍ରସ୍ତୁତି ନେଇ ଦକ୍ଷତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଓସ୍‌ଡମାର ତାଲିମଦାତା କାଳୀପଦ ରାୟ ଓ ପ୍ରଦୀପ କୁମାର ଜେନା ଯୋଗଦେଇ ୨୫ଟି ପଞ୍ଚାୟତର ବିଜୁ ଯୁବବାହିନୀ ସଭ୍ୟଙ୍କୁ ବିପର୍ଯ୍ୟୟ ପରିଚାଳନା, ଅନୁସନ୍ଧାନ, ଉଦ୍ଧାର, ବିପର୍ଯ୍ୟୟର ପ୍ରକାର, ଚକ୍ର, ସହାୟତା ବଣ୍ଟନ, ପ୍ରାଥମିକ ଚିକିତ୍ସା ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଦେବେନ୍ଦ୍ର କୁମାର ଜେନା ଓ ଅନ୍ୟତମ ଅତିଥି ଭାବେ ବିଡିଓ ରେବେକା ବିଲୁଂଗ, ବିଜୁ ଯୁବବାହିନୀର ପ୍ରକଳ୍ପ ଅଧିକାରୀ ଅମ୍ଳାନ ଅନୁପମ ସେନାପତି ଯୋଗଦେଇ ପ୍ରଶିକ୍ଷଣ ଶିବିର ବିଷୟରେ ଆଲୋଚନା କରିଥିଲେ। ଶେଷରେ ଯୁବବାହିନୀର ବ୍ଲକ ସଂଯୋଜିକା ଅନ୍ନପୂର୍ଣ୍ଣା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ୪ ବଖରା ଜଳିଗଲା

**ବନ୍ତ, ୨୨।୨ (ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ପୁରୁଷଣ୍ଡ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଗ୍ରାମର ସେକ୍ ଆଲାଉଦ୍ଦିନଙ୍କର ୨, ସେକ୍ ଗରିବୁଲାଙ୍କ ବଖାରାଏ ଓ ଲିଲି ବିବିଙ୍କର ବଖରାଏ ପୋଡ଼ିଯାଇଛି। ଆଗରପଡ଼ାରୁ ଦମକଳ ଯାଇ ନିଆଁ ଲିଭାଇଥିଲା। ବିଦ୍ୟୁତ୍ ଶଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

### ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ

**ଭଦ୍ରକ ଅଫିସ, ୨୨।୨:** ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଶୁକ୍ରବାର ରାଜ୍ୟ ମହିଳା ଆୟୋଗଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ୩ ଜଣ ଆୟୋଗ ସଦସ୍ୟା କୁସୁମ ରଥ, ସ୍ନେହାଞ୍ଜଳି ମହାନ୍ତି ଓ ତିଲୋତ୍ତମା ନାୟକ ଯୋଗଦେଇ ୪୪ଟି ସମସ୍ୟା ସମାଧାନ କରିଥିଲେ। କିଛି ମାମଲା ସମାଧାନ ହୋଇପାରି ନ ଥିବାବେଳେ କେତୋଟି ମାମଲା ଭୁବନେଶ୍ୱରରେ ପୁନଃ ବିଚାର ପାଇଁ ସ୍ଥିର ହୋଇଥିଲା। ଅତିରିକ୍ତ ଏସ୍‌ପି କୈଳାସ ପରିଡା, ପିଡି ମଧୁସୂଦନ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ୪୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

**ବାସୁଦେବପୁର, ୨୨।୨ (ଡି.ଏନ.ଏ.) :** ବାସୁଦେବପୁର ପୌରପାଳିକା ପକ୍ଷରୁ ଟାଉନ ହଲ୍‌ଠାରେ ଶୁକ୍ରବାର ୪୪ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ପୌରନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ହିତାଧିକାରୀ ଓ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ପୂର୍ବାହ୍ନରେ ପୌରପାଳିକାର ସୁଙ୍ଗୁଡାସ୍ଥିତ ମୁଦୁଲୀସାହି ବସ୍ତିରେ ଗ୍ରୀନଫିଲ୍ଡ ଷ୍ଟ୍ରିଟଲାଇଟ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି ସାହୁ ଓ ପୌରନିର୍ବାହୀ ଅଧିକାରୀ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ସ୍ମୃତିଚାରଣ ସଭା

**ବନ୍ତ, ୨୨।୨ (ଡି.ଏନ.ଏ.):** ବନ୍ତ ବ୍ଲକ ଅଢାଳପଙ୍କସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠର ପୂର୍ବତନ ସଂସ୍କୃତ ଶିକ୍ଷକ ତଥା ଟିଲୋ ପଞ୍ଚାୟତ ଭୁବନେଶ୍ୱରପୁର ଶାସନ ଗ୍ରାମର ସ୍ୱର୍ଗତ ରମାକାନ୍ତ ମିଶ୍ରଙ୍କ ଏକାଦଶାହ କ୍ରିୟା ଅବସରରେ ତାଙ୍କ ବାସଭବନରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲେ। ଓଷ୍ଟାର ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ସରପଞ୍ଚ ନିହାରିକା ରାଉତ, ଶିକ୍ଷକ ରମାକାନ୍ତ ଜେନା, ବିମଳ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ କୁମାର ସେନାପତି, ଆଶାଲତା ରାଜ, ପୂର୍ବତନ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ଖବରଦାତା ଉମେଶ ପ୍ରସାଦ କର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମାନସ ମିଶ୍ର, କୁଳମଣି ମିଶ୍ର, ସନ୍ତୋଷ ମିଶ୍ର, ଅକ୍ଷୟ ମିଶ୍ର, ଅୟସକାନ୍ତ ମିଶ୍ର, ବ୍ରଜକିଶୋର ମିଶ୍ର ଓ ପଦ୍ମନାଭ ଦାଶଙ୍କ ସମେତ ଗ୍ରାମବାସୀ ସଭା ପରିଚାଳନାରେ ସହାୟତା କରିଥିଲେ।

■ ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ଭାଇରାଲ ବଢ଼ାଇ ଦେଇଛି ଆଶଙ୍କା

**ଭଦ୍ରକ ଅଫିସ, ୨୨।୨**

ଶୁକ୍ରବାର ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଏହାକୁ ନେଇ ବେଶ୍ ଆଶାବାଦୀ ଛାତ୍ରୀଛାତ୍ର। ପ୍ରଥମ ଦିନ ପରୀକ୍ଷାରେ ଭଲ କରିଥିବା ନେଇ ପ୍ରାୟତଃ ଛାତ୍ରୀଛାତ୍ର ଖୁସି ଥିବା ପ୍ରତିକ୍ରିୟା ରଖିଛନ୍ତି। ମାତ୍ର ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ପ୍ରଥମ ଦିନରେ ହିଁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଖବର ଉଭୟ ପରୀକ୍ଷାର୍ଥୀ ଓ ଅଭିଭାବକଙ୍କ ଚିନ୍ତା ବଢ଼ାଇ ଦେଇଛି। ଅକ୍ଲାନ୍ତ ପରିଶ୍ରମ କରି ଭଲ ଆଶା ରଖିଥିବା ପିଲାଙ୍କ ପରୀକ୍ଷାଫଳ ହେଲ୍ଡଅପ୍ ହେବ କିମ୍ବା ଶିକ୍ଷା ବିଭାଗ ସିଦ୍ଧାନ୍ତ ବଦଳାଇଦେବ ସେନେଇ ନାନା ଆଶଙ୍କାରେ ଅଛନ୍ତି ଅଭିଭାବକ।



ଜିଲା ସ୍କୁଲ ପରୀକ୍ଷା କେନ୍ଦ୍ର ପରିସରରେ ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି।

### ପ୍ରଥମ ଦିନରେ ୮୪ ଅନୁପସ୍ଥିତ

**ବନ୍ତ/ଭଣ୍ଡାରିପୋଖରୀ, ୨୨।୨(ସ୍ୱ.ପ୍ର./ ଡି.ଏନ.ଏ.)**

ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ୮୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ବନ୍ତ ବ୍ଲକରେ ୪୭ ଓ ଭଣ୍ଡାରିପୋଖରୀରେ ୩୭ ଜଣ। ବନ୍ତ ବ୍ଲକରେ ୧୩ଟି ପରୀକ୍ଷାକେନ୍ଦ୍ରରେ ୨୬୫୧ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୨୬୦୪ ଜଣ ପରୀକ୍ଷା ଦେଇଛନ୍ତି। ଭଣ୍ଡାରିପୋଖରୀରେ ୯ଟି କେନ୍ଦ୍ରରେ ୧୪୮୫ ପରୀକ୍ଷାର୍ଥୀ ବଦଳରେ ୧୪୪୮ ଜଣ ପରୀକ୍ଷା ଦେଇଥିଲେ।

## ପ୍ରଥମ ଦିନରେ କପି କରି ଧରାପଡ଼ିଲେ ୮ ପରୀକ୍ଷାର୍ଥୀ

**ଭଦ୍ରକ ଅଫିସ, ୨୨।୨**

ଭଦ୍ରକ ଜିଲାର ୭ଟି ବ୍ଲକରେ ୧୨୦ କେନ୍ଦ୍ରରେ ୩୧୮ଟି ହାଇସ୍କୁଲର ପ୍ରାୟ ୨୪, ୬୦୦ ପରୀକ୍ଷାର୍ଥୀ ଶୁକ୍ରବାର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ୮ ପରୀକ୍ଷାର୍ଥୀ କପି କରୁଥିବା ବେଳେ ସ୍କ୍ୱାଡ ଦ୍ୱାରା ଧରାପଡ଼ିଛନ୍ତି। ନିରପେକ୍ଷ ପରୀକ୍ଷା ପରିଚାଳନା ପାଇଁ ପ୍ରତି ବ୍ଲକରେ ୨ଟି ଲେଖାଏ ସ୍କ୍ୱାଡ ଗଠନ କରାଯାଇ ବିଭିନ୍ନ ପରୀକ୍ଷାକେନ୍ଦ୍ର ନିରୀକ୍ଷଣ କରାଯାଇଥିବା ବେଳେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ୨ଟି ସ୍କ୍ୱାର୍ଡ ଗଠନ କରାଯାଇ କେନ୍ଦ୍ର ଯାଞ୍ଚ କରାଯାଇଛି। ଶୁକ୍ରବାର ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କ ସ୍କ୍ୱାଡ ଦ୍ୱାରା ୪ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ବାସୁଦେବପୁର ନର୍ସିଂପୁର ହାଇସ୍କୁଲରେ ଜଣେ, ଏବି ହାଇସ୍କୁଲରେ ୨ ଓ ବାରାପୁର ହାଇସ୍କୁଲରେ ଜଣେ ପରୀକ୍ଷାର୍ଥୀ ଅଛନ୍ତି। ସେହିପରି ସେଣ୍ଟ୍ରାଲ ସ୍କ୍ୱାଡ ଦ୍ୱାରା ୪ ଜଣ କପି କରୁଥିବା ବେଳେ ଧରା ପଡ଼ିଛନ୍ତି। ସେମନାଙ୍କ ମଧ୍ୟରୁ ବନ୍ତ ଷେଣ୍ଡିରା ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠରେ ୩ ଓ ନିଲୋକ ହାଇସ୍କୁଲରେ ଜଣେ ପରୀକ୍ଷାର୍ଥୀ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଜିଲାସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ ତଥା ଆଖପାଖ କେତେକ ହାଇସ୍କୁଲ ପରୀକ୍ଷାକେନ୍ଦ୍ରରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

### ମଧ୍ୟମାରେ ୩ ଧରାପଡ଼ିଲେ

ମଧ୍ୟମା ପରୀକ୍ଷାକେନ୍ଦ୍ରରେ କପି କରି ୩ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ବନ୍ତ ହାଇସ୍କୁଲରେ ୩ ପରୀକ୍ଷାର୍ଥୀ କପି କରୁଥିବା ବେଳେ ଧରାପଡ଼ିଥିଲେ। ପ୍ରଥମ ଦିନରେ ମୋଟ ୧୧ ଜଣ କପି କରି ଧରାପଡ଼ିଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

### ଏ ସମ୍ପର୍କରେ ପରୀକ୍ଷାର୍ଥୀ ଯାହା କୁହନ୍ତି...



"ସାହିତ୍ୟ ବିଷୟ ଭଲ ହୋଇଛି। ଯେଉଁସବୁ ପ୍ରଶ୍ନକୁ ନେଇ ପ୍ରସ୍ତୁତ ହୋଇଥିଲି ପ୍ରାୟତଃ ସମସ୍ତ ପ୍ରଶ୍ନ ପଡ଼ିଥିଲା। ଏଣୁ ଭଲ ନମ୍ବର ରହିବ ବୋଲି ଆଶା। ପରୀକ୍ଷା ଦେଇ ବାହାରକୁ ଆସିବା ପରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଶୁଣିଲି। ଏଣୁ କ'ଣ ହେବ କହି ହେଉ ନାହିଁ।

ବିଜୟଲକ୍ଷ୍ମୀ ଟୁଡୁ



"ପରୀକ୍ଷା ଭଲ ହୋଇଛି। ଚଳିତବର୍ଷ ପ୍ରଶ୍ନପତ୍ର ସହଜ ଥିଲା। ପ୍ରଶ୍ନାବଳୀ ଶୈଳୀ ମଧ ଭଲ ଥିଲା। କିନ୍ତୁ ପ୍ରଶ୍ନପତ୍ର ଭାଇରାଲ ଆମ ଛାନିଆ ବଢ଼ାଇ ଦେଇଛି।

ଭାର୍ଗବୀ କାହାଳିଆ



"ପରୀକ୍ଷା ଭଲ ହୋଇଛି। ପ୍ରଶ୍ନପତ୍ର ୪ ସେଟ୍ ଅଲଗା ଅଲଗା ହୋଇଥିବାରୁ କେତେକ ପରୀକ୍ଷାର୍ଥୀଙ୍କ ପାଇଁ ଏହା ସମସ୍ୟା ହୋଇଥିଲା

ସୌନକ ନାୟକ

### 'ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**ଭଦ୍ରକ ଅଫିସ, ୨୨।୨**

ଭଦ୍ରକ ଚରମ୍ପା ମାତୃପଲ୍ଲୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ସଭାପତି ଦେବଦତ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡ. ବଳରାମ ମିଶ୍ର ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଅଧକ୍ଷ ଡା. ପ୍ରହ୍ଲାଦ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅଧକ୍ଷ ଉମାକାନ୍ତ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ତଥା ମାତୃକର୍ମୀ ଦିଲୀପ ଆରଣ ଓ ସୁଭାଷ ଚନ୍ଦ୍ର ବେହେରା, ଭାଗୀରଥି ପାଢୀ, ସେବତୀ ବିଶ୍ୱାଳ, କେତକୀ ମହାପାତ୍ର, ଶିବପ୍ରସାଦ ମହାନ୍ତି, ସୁମନ୍ତ କୁମାର ଚକ୍ର, ହେମଲତା ନାୟକ, ସତ୍ୟଭାମା ସାହୁ, ଅନିତା ବାରିକ, ନିରୁପମା ନାଥ, ସ୍ୱୟଂପ୍ରଭା ଖଟୁଆ, ସୁବାସ ବାରିକ, ସୁରେନ୍ଦ୍ର ପ୍ରସାଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଦକ୍ଷତା ପ୍ରଶିକ୍ଷଣ ଶିବିର

**ଭଣ୍ଡାରିପୋଖରୀ, ୨୨।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ସଭାଗୃହଠାରେ ରାଜ୍ୟ ଯୁବ କଲ୍ୟାଣ ପରିଷଦ, ବିଜୁ ଯୁବବାହିନୀ ଆନୁକୂଲ୍ୟରେ ଚାରିଦିନିଆ ଦକ୍ଷତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ବନମାଳୀ ତରାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଅନିତାରାଣୀ ରାଉତ ଯୋଗଦେଇ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପ୍ରାକୃତିକ ବିପର୍ଯ୍ୟୟ ନେଇ ବିଜୁ ଯୁବବାହିନୀ ସଦସ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ୫ ପ୍ରକଳ୍ପର ଶିଳାନ୍ୟାସ



ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ କରାଯାଉଛି।

**ବାସୁଦେବପୁର, ୨୨।୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ୫ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଇରମ ପଞ୍ଚାୟତ ବଢ଼େଇପଦା ପଡ଼ିଆରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ମୁଖ୍ୟଅତିଥି ଭାବେ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ପରିପ୍ରେକ୍ଷୀରେ ବଢେଇପଦା ପଡିଆରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ମନ୍ତ୍ରୀ ରାଉତରାୟ ଗ୍ରାମାଞ୍ଚଳରେ ଶିକ୍ଷାର ମାନବୃଦ୍ଧି ଦିଗରେ ଆଦର୍ଶ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେଲେ ଗ୍ରାମାଞ୍ଚଳର ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ କରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅର୍ଜ୍ଜୁନ ଚରଣ ସେଠୀ, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲିକ, ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ପ୍ରଶାନ୍ତ ନାୟକ, ଜଗନ୍ନାଥପୁର ସରପଞ୍ଚ ଯଦୁନାଥ ନାୟକ, ଅଢୁଁଆ ସରପଞ୍ଚ ଗିରୀଶ ସାମଲ, ଗୌତମ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ମନ୍ତ୍ରୀ ରାଉତରାୟ ଓ ଏମ୍‌ପି ସେଠୀ କାଂଶବାଂଶ ନଦୀରେ ୬.୮୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ପାଢୀସାହିଠାରେ ବିଜୁ ସେତୁ, କାଳୀଦାସପୁରରୁ କମାରଗଡିଆ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ, କାନ୍ତିପୁର-ନୂଆଗାଁ, ବୀଣାମୁଠିରୁ ନୂଆଗାଁ ରାସ୍ତାର ଶିଳାନ୍ୟାସ କରିଥିଲେ। ଆର୍‌ଡି ବିଭାଗର ଏଇଇ ନାରାୟଣ ସାହୁ, ଯନ୍ତ୍ରୀ ପ୍ରମୋଥ ବେହୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

### ବିଦ୍ୟାଳୟସ୍ତରୀୟ ଖାଉଟି ସଚେତନତା

**ଭଦ୍ରକ ଅଫିସ, ୨୨।୨**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିସ୍ଥିତ ରଣଜିତ ସେବାଶ୍ରମ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ପକ୍ଷରୁ ଜିଲା ଯୋଗାଣ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘର ସମ୍ପାଦିକା ବନିତା ସାମଲ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝି, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମାନସ କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟସ୍ତରରୁ ଛାତ୍ରୀଛାତ୍ର ସଚେତନ ହୋଇପାରିଲେ ଠକେଇ ଅନେକାଂଶରେ ନିୟନ୍ତ୍ରଣ ହୋଇପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଆଜିର ଶିଶୁ କାଲିର ଭବିଷ୍ୟତ। ଏଣୁ ବିଦ୍ୟାଳୟସ୍ତରରୁ ହିଁ ସଚେତନତା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ। ଆଇନଜୀବୀ ବସନ୍ତ କୁମାର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ମାତୃଭାଷା ଦିବସ

**ଭଣ୍ଡାରିପୋଖରୀ, ୨୨।୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଆଖୁଆପଦା ଉନ୍ନୀତ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ସାମାଜିକ କର୍ମୀ ଶରତ କୁମାର ଜେନା, ବିଭୂତି ଭୂଷଣ ମହାନ୍ତି, ଧନେଶ୍ୱର ସାହୁ, ମଧୁସ୍ମିତା ପରିଡ଼ା ଓ ସାହିତ୍ୟିକ ବୈଲୋଚନ ଜେନା ପ୍ରମୁଖ ଯୋଗଦେଇ ମାତୃଭାଷା ବ୍ୟବହାରର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମଞ୍ଜୁରୀସ୍ଥିତ ବଳଦେବଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତୃଭାଷା ଦିବସ ପ୍ରଧାନ ଶିକ୍ଷୟିତ୍ରୀ ମମିତା ମହାନ୍ତିଙ୍କ ଅଧକ୍ଷତାରେ ପାଳନ କରାଯାଇଥିଲା। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମନୋଜ କୁମାର ନାୟକ ଯୋଗଦେଇ ମାତୃଭାଷାର ଉନ୍ନତିରେ ନିଜ ସହ ଦେଶର ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶୁଦ୍ଧ ମାତୃଭାଷା ପାଇଁ ବର୍ଷା ପ୍ରିୟଦର୍ଶନୀ ସାମଲ, ହରପ୍ରିୟା ସାସ୍ମଲ ଓ ସନ୍ଧ୍ୟାରାଣୀ ବାରିକଙ୍କୁ ପୁରସ୍କୃତ କରାଯାଇଥିଲା। ତପନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଆଖୁଆପଦା ସ୍କୁଲରେ ମାତୃଭାଷା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

### ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟଲାଇଟ୍‌ର ଶିଳାନ୍ୟାସ

**ଚାନ୍ଦବାଲି, ୨୨।୨ (ଡି.ଏନ.ଏ.)**

ଚାନ୍ଦବାଲି ଏନ୍‌ଏସିରେ ଅତ୍ୟାଧୁନିକ ଶକ୍ତି ସଞ୍ଚୟକାରୀ ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟଲାଇଟ୍ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଶୁକ୍ରବାର ବିଧାୟକ ବ୍ୟୋମକେଶ ରାୟ ନୟାଧାମରା, ହାଟପଟି, ବାଲିଗାଁ ବାସୁଳି ପଡ଼ିଆରେ ଏହାର ଶିଳାନ୍ୟାସ କରିଛନ୍ତି। ଚାନ୍ଦବାଲି ଏନ୍‌ଏସି ଅଞ୍ଚଳରେ ୨୫ଟି ସ୍ଥାନରେ ଏପରି ଆଲୋକ ଲଗାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ଭଦ୍ରକ ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ଚାନ୍ଦବାଲି ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ରଞ୍ଜନ ସାହୁ, ଚାନ୍ଦବାଲି ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାସ, ବିଜେଡି ନେତା ନରେଶ ମାଝି, ପ୍ରିନ୍ସ ରାକେଶ ନାୟକ, ଜିତେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।



ନୟାଧାମରାରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଜବରଦଖଲରେ ବାବା ଆଖଣ୍ଡଳମଣିଙ୍କ ଜମି

**ଆରଡ଼ି, ୨୨।୨ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ବାବା ଆଖଣ୍ଡଳମଣିଙ୍କ ନାମରେ ଥିବା ୭୦ ଡେସିମିଲ ଭୂସମ୍ପତ୍ତିକୁ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ସେ ଚଞ୍ଚକତା କରି ଏହି ଜମିକୁ ନିଜ ନାମରେ କରାଇ ନେଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ଜବରଦଖଲ ଉଚ୍ଛେଦ ନ ହେଲେ ମନ୍ଦିର ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି କରିବା ସହ ଆନ୍ଦୋଳନ କରିବେ ବୋଲି ସେବାୟତମାନେ ଚେତାବନୀ ଦେଇଛନ୍ତି। ଏଥିସହିତ ସ୍ଥାନୀୟ ବାସିନ୍ଦା ମନ୍ଦିର ପରିଚାଳକଙ୍କୁ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ପରିଚାଳକ ବିଦ୍ୟାଧର ପଲାଇ ଜବରଦଖଲକୁ ନେଇ ଉପୁଜିଥିବା ଆଇନଗତ ବିବାଦ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ ଓ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲଙ୍କୁ ଜଣାଇଛନ୍ତି।



ଜମି ଜବରଦଖଲ ବାବଦରେ ମନ୍ଦିର ପରିଚାଳକ ଓ ଫାଣ୍ଡି ଅଧିକାରୀ ଆଲୋଚନା କରୁଛନ୍ତି।

■ଉଚ୍ଛେଦ ନ ହେଲେ ନୀତିକାନ୍ତିରେ ବିଭ୍ରାଟ ସହ ଆନ୍ଦୋଳନ ଚେତାବନୀ

■ମ୍ୟାନେଜିଂ ଟ୍ରଷ୍ଟିଙ୍କୁ ଜଣାଇଲେ ମନ୍ଦିର ପରିଚାଳକ

କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ମନ୍ଦିର ପରିଚାଳକ ଶୁକ୍ରବାର ମଧ୍ୟାହ୍ନରେ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାଙ୍କ ସହ ମଧ ଆଲୋଚନା କରିଛନ୍ତି।

ଉଲ୍ଲେଖନୀୟ ଯେ, ଦେଶ ସ୍ୱାଧୀନତା ପୂର୍ବରୁ କନିକାରାଜା ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ନାମରେ ଏହି ସମ୍ପତ୍ତି ରେଜିଷ୍ଟ୍ରି କରିଥିଲେ। ପରବର୍ତ୍ତୀ ସମୟରେ ୧୯୭୦ ମସିହାରେ ଉକ୍ତ ଜମିରୁ ୧୦ ଡେସିମିଲ କେତେକ ବ୍ୟକ୍ତି ନିଜ ନାମରେ କରିବାକୁ ଦେବୋତ୍ତର ବିଭାଗ ନିକଟରେ ଆବେଦନ କରିଥିଲେ। ପରେ ଏ ବିଷୟରେ ଆଲୋଚନା କରାଯାଇ ଆପୋଷ ବୁଝାମଣା କରାଯାଇଥିଲା। କିନ୍ତୁ ୧୯୮୨ ମସିହା ସେଟେଲମେଣ୍ଟ ବେଳେ ସମସ୍ତ ଜମିକୁ ଦୁଇଜଣ ବ୍ୟକ୍ତି ନିଜ ନାମରେ କରାଇ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ବଂଶଧର ଏବେ ସେହି ଜମି ଚାରିପଟେ ବାଡ଼ ବୁଜି ନିଜ ଆୟତ୍ତକୁ ଆଣୁଥିବା ଲୋକେ ଅଭିଯୋଗ କରିଥିଲେ। ତୁରନ୍ତ ଉକ୍ତ ଜମି ଜବରଦଖଲ ଉଚ୍ଛେଦ କରାଯାଇ ସମସ୍ତ ଜମିକୁ ଆଖଣ୍ଡଳେଶ୍ୱର ମହାଦେବଙ୍କ ନାମରେ ରଖାଯିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି, ଜବରଦଖଲ ବାବଦରେ ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଯାଇଛି। ସମାଧାନ ପାଇଁ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ କହିଛନ୍ତି ଯେ, ଜମି ଜବରଦଖଲ ନେଇ ମନ୍ଦିର ପରିଚାଳକ ଲିଖିତ ଭାବେ ଜଣାଇଛନ୍ତି। କ୍ଷେତ୍ର ପରିଦର୍ଶନ ପରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ମାଟ୍ରିକ୍ ପରୀକ୍ଷା ଦେଲେ ୧୭୯୯ ଛାତ୍ରୀଛାତ୍ର

ପାଟଣା, ୨୨।୨(ସ୍ୱ.ପ୍ର.): ପାଟଣା ବ୍ଲକରେ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ ଶାନ୍ତି ଶୃଙ୍ଖଳା ସହ ଆରମ୍ଭ ହୋଇଥିଲା। ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସୂଚନା ମୁତାବକ, ଏହି ବ୍ଲକର ଶୁକ୍ରବାର ମାତୃଭାଷା ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି କୌଣସି ଛାତ୍ର ଧରା ପଡି ନାହାନ୍ତି। ବ୍ଲକର ୧୧ ପରୀକ୍ଷା କେନ୍ଦ୍ରରେ ୧୮୪୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୯୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୪୭ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ।

### ସମ୍ବର୍ଦ୍ଧିତ ହେଲେ ବିଇଓ

ଝୁମ୍ପୁରା, ୨୨।୨(ଡି.ଏନ.ଏ.): ଝୁମ୍ପୁରା ବ୍ଲକ ନୂତନ ଶିକ୍ଷାଧିକାରୀ ଭାବେ ଦୁଃଶାସନ ସିଂ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏଥି ପୂର୍ବରୁ ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ବ୍ଲକରେ କାର୍ଯ୍ୟରତ ଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ଗୋଷ୍ଠୀ ସାଧନ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସମେତ ଏବିଇଓ କମଲଲୋଚନ ବିଶ୍ୱାଳ, ପ୍ରାଥମିକ ଶିକ୍ଷକ ସଂଘର ଜିଲା ସମ୍ପାଦକ ମୁକୁନ୍ଦ ଚରଣ ସାହୁ, ପ୍ରାଥମିକ ଶିକ୍ଷକ ସଂଘର ବ୍ଲକ ସଭାପତି ରାଜେନ୍ଦ୍ର ସାହୁ, ସମ୍ପାଦକ ମିତ୍ରଭାନୁ ବାରିକ, ଜୁନିୟର ଶିକ୍ଷକ ସଂଘର ସଭାପତି ବିଜୟ କୁମାର ବେହେରା, ସମ୍ପାଦକ ତନ୍ମୟ କୁମାର ଗିରିଙ୍କ ସମେତ ସିଆରସିସି ସମୂହ ନୂତନ ବିଇଓଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଇଓ ଦୁଃଶାସନ ସିଂଙ୍କୁ ପଚାରିବାରୁ ଝୁମ୍ପୁରା ବ୍ଲକର ଶିକ୍ଷା ବ୍ୟବସ୍ଥା ଉପରେ ଦୃଷ୍ଟି ଦେବେ ବୋଲି ସେ କହିଛନ୍ତି।

### ବିଲରେ ଟଳି ପଡ଼ିଲେ ବୃଦ୍ଧ

ପାଟଣା, ୨୨।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା କଣ୍ଟିଆପଡ଼ା ପଞ୍ଚାୟତ ପଦ୍ମକେଶରପୁର ଗ୍ରାମର ବିଲରେ ହଳ କରୁଥିବା ବେଳେ ଜଣେ ବୃଦ୍ଧ ଶୁକ୍ରବାର ସଂଜ୍ଞାହୀନ ହୋଇ ଟଳି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଜଣଙ୍କ ହେଲେ ରାମଚନ୍ଦ୍ର ନାଏକ(୬୦)। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ ହୋଇଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇ ଥିବା ଏଏସଆଇ କୈଳାଶ ଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି।

### 'ପୁନଃ ମୂଲ୍ୟାୟନ କରି କ୍ଷତିପୂରଣ ଦିଅ'

କେନ୍ଦୁଝର, ୨୨।୨ (ସ୍ୱ.ପ୍ର.): କାନପୁର ଜଳସେଚନ କେନାଲ ପାଇଁ ଜମି ହରାଇଥିବା ଚମ୍ପୁଆ ବ୍ଲକର କାଞ୍ଜିଆଶୂଳା ଗ୍ରାମର କ୍ଷତିଗ୍ରସ୍ତ ଲୋକ ଜମିର ପୁନଃ ମୂଲ୍ୟାୟନ କରି କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଉକ୍ତ ଜମିର ମୂଲ୍ୟାୟନ ଠିକ ଭାବରେ ହୋଇ ନ ଥିବା ଜିଲାପାଳ ଓ ଆରଡିସିଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଅକ୍ଷୟ କୁମାର ପ୍ରଧାନ, ହିରଣ୍ୟ ବେହେରା ପ୍ରମୁଖ କ୍ଷତିଗ୍ରସ୍ତ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି।

### ଅଲତୀରେ ଅଷ୍ଟପ୍ରହର ନାମଯଜ୍ଞ

ଆନନ୍ଦପୁର,୨୨।୨(ସ୍ୱ.ପ୍ର.): ଘସିପୁରା ବ୍ଲକ ଅଲତୀ ମା' ମଙ୍ଗଳା ପୀଠଠାରେ ନବମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଶେଷ ହୋଇଛି। ସଙ୍କୀର୍ତ୍ତନମଣ୍ଡଳୀ ଦ୍ୱାରା ନାମ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ନଦିଆ କୀର୍ତ୍ତନ ଓ ରାଧାକୃଷ୍ଣ ବେଶରେ ନଗରଭ୍ରମଣ କାର୍ଯ୍ୟ ସମ୍ପାଦନ କରାଯାଇ ଦଧିହାଣ୍ଡୀ ଭାଙ୍ଗି ସଂକୀର୍ତ୍ତନକୁ ଉଦ୍‌ଯାପନ କରାଯାଇଥିଲା। ଚନ୍ଦନ ସାହୁ ଓ ସନ୍ତୋଷ ସାହୁ ନିତାଇଗୌର ଓ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିକୁ ହାତରେ ଧରି ଗ୍ରାମ ପରିକ୍ରମା କରିଥିଲେ। ବୈଷ୍ଣବ ଭକ୍ତ ବିରଭଦ୍ର ସାହୁ ଦଧିହାଣ୍ଡୀ ଭାଙ୍ଗିଥିଲେ। ବେଲସୁନ୍ଦରୀ, ଗଡବାନ୍ଧଗୋଡା, ଅଭିରାମପୁର, ତିଗିରିଆ, ଭାଲୁକା ଚିତ୍ରା, ପୁରୁଣାବାନ୍ଧଗୋଡା, ଅଲତି, ଅଙ୍ଗାରୁଆ ସମେତ ୧୫ ସଂକୀର୍ତ୍ତନମଣ୍ଡଳୀ ଯୋଗଦାନ କରିଥିଲେ। ଦିଲ୍ଲୀପ ସାହୁ, ମଧୁସୁଦନ ସାହୁ, ବିକ୍ରମ ନାୟକ, ବାବନ ସାହୁ, ମହେନ୍ଦ୍ର ସାହୁ, ଦନେଇ ସାହୁ, ନିଧିନ ସାହୁ, ଆଦିତ୍ୟ ନାୟକ, ଲକ୍ଷ୍ମୀଧର ସ୍ୱାଇଁ, ପ୍ରସନ୍ନ ନାୟକ, ଦିନକୃଷ୍ଣ ଦାସ, ଜନସନ ସାହୁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ବିନା ଗ୍ରାମସଭାରେ ଜମି ଅଧିଗ୍ରହଣ

■ଆଦିବାସୀ ନେତାଙ୍କୁ ଗିରଫର ପ୍ରତିବାଦ

■ଗ୍ରାମବାସୀଙ୍କ ଧାରଣା, ଦାବିପତ୍ର ପ୍ରଦାନ

ଯୋଡ଼ା/ବଡ଼ବିଲ୍, ୨୨।୨ (ଡି.ଏନ.ଏ.)



ଧାରଣାର ବସିଥିବା ଗ୍ରାମବାସୀ।

ଯୋଡ଼ା ବ୍ଲକ କାରାଖେଣ୍ଡରା ପଞ୍ଚାୟତରେ ଏକ ଶିଳ୍ପ ସଂସ୍ଥା ବିନା ଗ୍ରାମସଭାରେ ଜମି ଅଧିଗ୍ରହଣ କରିଛି। ଅନ୍ୟପଟେ ଆଦିବାସୀ ନେତାଙ୍କୁ ପୋଲିସ ଦ୍ୱାରା ଗିରଫ କରାଯାଇଥିବା ପ୍ରତିବାଦରେ ଶୁକ୍ରବାର ସ୍ଥାନୀୟ ଲୋକେ ବଡ଼ବିଲ୍ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ତହସିଲଦାରଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସ୍ଥାନୀୟ କାରାଖେଣ୍ଡେରା ଗ୍ରାମ ମୁଣ୍ଡରେ ଥିବା ଜାହିରା ଜମି (ଆଦିବାସୀଙ୍କ ପୂଜା ସ୍ଥଳ)କୁ ସ୍ଥାନୀୟ ଶିଳ୍ପ ସଂସ୍ଥା ପକ୍ଷରୁ ବିନା ଗ୍ରାମସଭାରେ ଅଧିଗ୍ରହଣ କରାଯାଇଛି। ଉକ୍ତ ଜମିକୁ ଫେରେଇ ଦେବା ପାଇଁ କୁହାଯିବାରୁ ଅଖିଳ ଭାରତୀୟ କ୍ରାନ୍ତିକାରୀ ମହାସଭାର ଜିଲା ଅଧ୍ୟକ୍ଷ ଜେକ୍ରିଏସ ଚିତ୍‌ପଟା ଓ ବିଜୟ ମୁଣ୍ଡାଙ୍କୁ ପୋଲିସ ଦ୍ୱାରା ଗିରଫ କରାଯାଇଥିବା ଏହି ଦାବିପତ୍ରରେ ଦର୍ଶାଯାଇଛି।

ମହାସଭାର ସାଧାରଣ ସମ୍ପାଦକ ମଟାଇ ମୁଣ୍ଡା, ଗୌତମ ମହାକୁଡ଼, ବିଜୟ ମୁଣ୍ଡା, ମାନସିଂ ତିରିଆ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସବୁ ବର୍ଷ ପରି ଚଳିତ ବର୍ଷ ମଧ ମାଗେ ପର୍ବ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅଖିଳ ଭାରତୀୟ କ୍ରାନ୍ତିକାରୀ ମହାସଭାର ଜିଲା ଅଧ୍ୟକ୍ଷ ଜେକ୍ରିଏସ ଚିତ୍‌ପଟାଙ୍କ ନେତୃତ୍ୱରେ ଏକ ବୈଠକ କରାଯାଇଥିଲା। ଜିଲା ଅଧ୍ୟକ୍ଷ ଚିତପଟା ୧୭।୦୨।୨୦୧୯ରେ ଏହି ପର୍ବ ପାଳନ ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯିବା ପରେ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ପର୍ବ ପାଳନର ପୂର୍ବଦିନ ଅର୍ଥାତ ୧୬।୦୨।୨୦୧୯ ସନ୍ଧ୍ୟା ୮ ଘଟିକା ସମୟରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଥିଲା। ବିନା କାରଣରେ ଆଦିବାସୀ ନେତାଙ୍କୁ ଗିରଫ କରାଯାଇଥିବା ଏବଂ ଜାହିରା ଜମିକୁ ଶିଳ୍ପ ସଂସ୍ଥା ପକ୍ଷରୁ ଅକ୍ତିଆର କରାଯିବା ଘଟଣାକୁ ବିରୋଧ କରାଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଗିରଫ ହୋଇଥିବା ଆଦିବାସୀ ନେତା ଦ୍ୱୟଙ୍କ ମାମଲା ପ୍ରତ୍ୟାହାର କରାଇ ନେବା ଦାବିରେ ଶତାଧିକ ଆଦିବାସୀ ମହିଳାପୁରୁଷ ଧାରଣାରେ ବସିଥିଲେ।

# ଉଦ୍ଧାର ବୃଦ୍ଧଙ୍କ ପରିଚୟ ମିଳିଲା

କେନ୍ଦୁଝର, ୨୨।୨(ସ୍ୱ.ପ୍ର.)



ଉଦ୍ଧାର ହୋଇଥିବା ବୃଦ୍ଧ।

ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଅପରିଚିତ ବୃଦ୍ଧଙ୍କୁ ପୋଲିସ ଶୁକ୍ରବାର ଉଦ୍ଧାର କରିଥିଲା। ଏ ନେଇ ଧରିତ୍ରୀ ୱେବ ପୋର୍ଟାଲରେ ଖବର ପ୍ରକାଶ ପାଇବା ପରେ ତାଙ୍କର ପତ୍ତା ମିଳିଥିଲା। ଡିଏସପି ହରିଶ ପାଣ୍ଡେ ଉକ୍ତ ବୃଦ୍ଧଙ୍କୁ ସହାୟତା କରିଥିଲେ। କିଛି ଦିନ ତଳେ କେତେକ ଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲ ଚିକିତ୍ସା ପାଇଁ ନେଇଥିଲେ। ଆଟେଣ୍ଡାଣ୍ଟ ନ ଥିବାରୁ ମେଡିକାଲରୁ ବାହାର କରି ଦିଆଯାଇଥିଲା ବୋଲି ଲୋକେ କହୁଛନ୍ତି। ତାଙ୍କ ନାମ ବସନ୍ତ ପାତ୍ର ଘର କେନ୍ଦୁଝର ସହର ନିକଟ ଧୂପଦା ଗ୍ରାମ। ୨୦୧୧ରୁ ବନାଯୋଡିସ୍ଥିତ ଆନନ୍ଦାଶ୍ରମ (ଜରାଶ୍ରମ)ରେ ରହୁଥିଲେ। ସେଠାରୁ ପଳାଇ ଆସିଥିଲେ। ଏ ନେଇ ଧରିତ୍ରୀ ୱେବ ପୋର୍ଟାଲରେ ବୃଦ୍ଧଙ୍କ ବିଷୟରେ ଖବର ପଢ଼ି ଜାଣିବାକୁ ମିଳିଥିଲା ବୋଲି ବୋଲି ପ୍ରତ୍ୟୁଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ତାଙ୍କ ଅବସ୍ଥା ଭଲ ନ ଅଛି। ଦୀର୍ଘଦିନ ହେଲା ଖାଇ ନ ଥିବାରୁ ଚଳପ୍ରଚଳ କରିପାରୁ ନ ଥିଲେ। ଉପସ୍ଥିତ ସହଦହୃଦୟ ବ୍ୟକ୍ତି ତାଙ୍କୁ ଖାଇବାକୁ ଦେଇଥିଲେ। ତାଙ୍କୁ ପୁଣି ଆନନ୍ଦାଶ୍ରମରେ ରଖି ସୁରକ୍ଷା ଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

# ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ୍

ଚମ୍ପୁଆ, ୨୨।୨(ଡି.ଏନ.ଏ.)

ଚମ୍ପୁଆ ଏନ୍‌ଏସିରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଉଠା ଦୋକାନୀଙ୍କ ପାଇଁ ଭେଣ୍ଡିଂଜୋନ ଓ ସହର ଆଲୋକୀକରଣକୁ ଶୁକ୍ରବାର କେନ୍ଦୁଝର ଏମ୍‌ପି ଶକୁନ୍ତଳା ଲାଗୁରୀ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି। ଟାଉନ୍‌ହଲ୍‌ରେ ଆୟୋଜିତ ଆବାସ କାର୍ଯ୍ୟାଦେଶ ବଣ୍ଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଲାଗୁରୀ ଯୋଗଦେଇ ଆବାସ କାର୍ଯ୍ୟାଦେଶ ପାଇଥିବା ୫୮୧ ଜଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ୪୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନୂତନ ଭେଣ୍ଡିଂଜୋନ୍ ଦ୍ୱାରା ଉଠାଦୋକାନୀମାନେ ବିଶେଷ ଭାବେ ଉପକୃତ ହେବେ ବୋଲି ସେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଗୀତାରାଣୀ ନାଏକ, କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ସାହୁ ଯୋଗ ଦେଇଥିଲେ। ଏନ୍‌ଏସି ଉପାଧ୍ୟକ୍ଷ ମାନସ ରଞ୍ଜନ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ୱାର୍ଡର କାଉନସିଲର, ହିତାଧିକାରୀ, ବୁଦ୍ଧିଜୀବୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ବରିଷ୍ଠ କର୍ମଚାରୀ ବିଜୟ ମିଶ୍ର, ପ୍ରକାଶ କୁଣ୍ଡୁ, ରଶ୍ମିତା ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପୂର୍ବତନ ଏବିଡିଓ ଦଣ୍ଡିତ

କେନ୍ଦୁଝର , ୨୨।୨ (ସ୍ୱ.ପ୍ର.)

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ବ୍ୟାଙ୍କ ଋଣ କରାଇଦେବାକୁ କହି ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ତତ୍କାଳୀନ ଚମ୍ପୁଆ ଏବିଡିଓ ରବି ନାରାୟଣ ସେଠୀଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୧ ବର୍ଷ ଜେଲ ଦଣ୍ଡାଦେଶ ରାୟ ଦେଇଛନ୍ତି। ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୨ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଆଦେଶ ରହିଛି। ମା' ବୃନ୍ଦାବତୀ ଏସ୍‌ଏଚ୍‌ଜି ଗ୍ରୁପ ଓ ମା' ଲକ୍ଷ୍ମୀ ନାରାୟଣ ଏସଏଚଜି ଗ୍ରୁପର ଚିମିଳା ଶାଖାର ଏକ ବ୍ୟାଙ୍କ ଋଣ ପାଇଁ ଆବଶ୍ୟକୀୟ କାଗଜପତ୍ର କରାଇଦେବାକୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଏ ନେଇ ୭ ମେ ୨୦୦୯ ରେ ଗ୍ରୁପ ପକ୍ଷରୁ ଯଶୋଦା ମହାନ୍ତ ୨ ହଜାର ଟଙ୍କା ଦେଇଥିଲେ। ଏହା ପରେ ସେମାନେ ଭିଜିଲାନ୍ସ ବିଭାଗର ସହାୟତା ଲୋଡିଥିଲେ। ୧୨ ତାରିଖରେ ଅବଶିଷ୍ଟ ୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ।

# ପରୀକ୍ଷା ଦେବାରୁ ବଞ୍ଚିତ ଛାତ୍ରୀଛାତ୍ର

ହାଟଡ଼ିହୀ, ୨୨।୨(ଡି.ଏନ.ଏ.)

ହାଟଡ଼ିହୀ ବ୍ଲକରେ ୧୨ ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ଦୁଇ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅଁରା ଗୋଠ ନାହାକାଣି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏହି ବିଦ୍ୟାଳୟରେ ବେଆଇନ ଭାବେ ଚାଲିଛି। ବିଦ୍ୟାଳୟର କୌଣସି ଦିନ ପାଠପଢ଼ା ହୁଏନି। କେବଳ କାଗଜକଲମରେ ବିଦ୍ୟାଳୟ ଚାଲିଛି। ଏ ନେଇ କେନ୍ଦୁଝର ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ଦ୍ୱାରା ତଦନ୍ତ ହୋଇଛି। ତଦନ୍ତ ଦିନ ବିଦ୍ୟାଳୟ ବନ୍ଦ ଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସମ୍ପୃକ୍ତ ବଦ୍ୟାଳୟର ସମସ୍ତ ରେଜିଷ୍ଟର, କାଗଜପତ୍ର ଭେରିଫିକେଶନ୍ ପାଇଁ ଆଣିବା ନିମନ୍ତେ କୁହାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ମିଶ୍ର କହିଛନ୍ତି। ଅପରପକ୍ଷେ ଚଳିତ ବର୍ଷ ୫୮ ଜଣ ପରୀକ୍ଷା ଫର୍ମ ପୂରଣ କରିଥିଲେ। ୨୬ ଜଣଙ୍କର ଆଡ଼ମିଟ୍ କାର୍ଡ଼ ଆସିଥିଲା। ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ୨୬ ଜଣଙ୍କ ଆଡ଼ମିଟ୍ ଆସିଥିଲା ସେମାନେ ନକଲି ପରୀକ୍ଷାର୍ଥୀ ବୋଲି ଜଣାପଡ଼ିବା ପରେ ଜିଲା ଶିକ୍ଷା ବିଭାଗ ତରଫରୁ ସେମାନଙ୍କର ଆଡ଼ମିଟ୍ କାର୍ଡ଼କୁ ଜବତ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି।

# କେନ୍ଦୁଝର ଜିଲା ଦଳ ଚାମ୍ପିୟନ



କେନ୍ଦୁଝର ଜିଲାର ମହିଳା ଦଳ।

କେନ୍ଦୁଝର, ୨୨।୨(ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ଟେନିସ ଭଲିବଲ ପ୍ରତିଯୋଗିତାରେ କେନ୍ଦୁଝର ଜିଲାର ଦଳ ବିଜୟ ହୋଇଛି। ଏହି ପ୍ରତିଯୋଗିତା ଗତ ୧୫ରୁ ୧୭ ମଧ୍ୟରେ ଢେଙ୍କାନାଳ ସଂସ୍କାର ପବ୍ଲିକ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଜିଲାର ମହିଳା ଓ ପୁରୁଷ ଟିମ ଭାଗ ନେଇଥିଲେ। କେନ୍ଦୁଝର ଜିଲା ମହିଳା ଦଳ ସୁନ୍ଦରଗଡ, କଳାହାଣ୍ଡି, ଢେଙ୍କାନାଳ ଓ ରାଉରକେଲାକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ଡବଲ ମିକ୍ସରେ ସୁନ୍ଦରଗଡ, ବଲାଙ୍ଗୀର, ଢେଙ୍କାନାଳ, କଳାହାଣ୍ଡିକୁ ହରାଇ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ବିଭାଗରେ ଟିମ ଗାମ, ଦେବଗଡ ଓ କଳାହାଣ୍ଡିଙ୍କୁ ହରାଇ ୪ ର୍ଥ ସ୍ଥାନ ଗ୍ରହଣ କରିଥିବା କେନ୍ଦୁଝର ଜିଲା ଟେନିସ ଭଲିବଲ ଆସୋସିଏଶନର ସମ୍ପାଦକ ଦେବୀଦାସ ପଣ୍ଡା ଜଣାଇଛନ୍ତି।

ଭାଗ ନେଇଥିବା କେନ୍ଦୁଝର ଜିଲାର ମହିଳା ଖେଳାଳି ହେଲେ ସନ୍ଧ୍ୟାରାଣୀ ଜେନା, ସ୍ୱପ୍ନାରାଣୀ ରାଉତ, ମୋନାଲିସା ସା, ଲିପି ଜେନା, ଗଙ୍ଗା ଦେହୁରୀ ଓ ମାମାଲି ରାଉତ। ପୁରୁଷ ଖେଳାଳି ହଉଛନ୍ତି ବିଶ୍ୱରଞ୍ଜନ ମହାନ୍ତି, ପ୍ରାଣବଲ୍ଲଭ ପରିଡ଼ା, ଚିନ୍ମୟ କୁମାର ସା, ଗୌତମ ସା, ତାପସ ରଞ୍ଜନ ସା, ସଞ୍ଜୀବ କୁମାର ପଲେଇ। ଦଳରୁ ମନୋନୀତ ଖେଳାଳିମାନେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ବୋଲି ସୂଚନା ମିଳିଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କେନ୍ଦୁଝର ଜିଲା ସମେତ ରାଜ୍ୟର ୨୨ ଜିଲାର ଟିମ ଯୋଗ ଦେଇଥିଲେ।

# ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର

ଆନନ୍ଦପୁର, ୨୨।୨(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ଶୈଳଙ୍ଗଠାରେ ଘସିପୁରା ବ୍ଲକ, ଆନନ୍ଦପୁର ବ୍ଲକ ଓ ପୌରପରିଷଦର ତ୍ରିଦିବସୀୟ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୩ରେ ଭୁବନେଶ୍ୱରଠାରେ ହେବାକୁ ଥିବା ଉଜ୍ଜ୍ୱଳା ମହାଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶାର ଏମଡି ବାବନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଖବରଦାତା ଅମୂଲ୍ୟ ଜେନା, କେନ୍ଦୁଝର ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ନରେନ୍ଦ୍ର ପଲେଇ, ଆନନ୍ଦପୁର ପୌରପରିଷଦ ଯୁବମୋର୍ଚ୍ଚା ସଭାପତି ଆଶିଷ ବେହେରା, ଜିଲା ଯୁବ ମୋର୍ଚ୍ଚ ସଂଯୋଜକ ଅରୁଣ ଉଦୟ ନାୟକ, ଘସିପୁରା ବ୍ଲକ ସଂଯୋଜକ ମାନସ ଆଚାର୍ଯ୍ୟ, ଆନନ୍ଦପୁର ବ୍ଲକ ସଂଯୋଜକ ମାନସ ବାରିକ, ପୌରପରିଷଦ ସଂଯୋଜକ ପ୍ରମୋଦ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଶ୍ୱଚିନ୍ତନ ଦିବସ ପାଳିତ

କେନ୍ଦୁଝର, ୨୨।୨ (ସ୍ୱ.ପ୍ର.)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲାସ୍ତରୀୟ ବିଶ୍ୱଚିନ୍ତନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍କାଉଟ ଓ ଗାଇଡ ସମ୍ପାଦକ ସର୍ଦ୍ଦାର ବାରିକ ଉପସ୍ଥିତ ରହିଥିଲେ। ଏହି ମହାନ୍ ଚିନ୍ତନ ଦିବସରେ ସ୍କାଉଟ/ ଗାଇଡମାନଙ୍କୁ ସେବା ମନୋଭାବ ରଖି କାର୍ଯ୍ୟକରିବାକୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଯୋଗଦେଇ ସ୍କାଉଟ୍‌ସ ଗାଇଡ୍ସ ପିଲାଙ୍କୁ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଜୀବନର ବ୍ରତ ଭାବେ ଗଢି ତୋଳିବାକୁ ଉପଦେଶ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ସ୍କାଉଟସ ଏବଂ ଗାଇଡସଙ୍କ ସମେତ ସ୍କାଉଟ୍‌ସ ମାଷ୍ଟର ଏବଂ ଗାଇଡ୍‌ସ କ୍ୟାପ୍‌ଟେନ ଯୋଗ ଦେଇଥିଲେ। ସମସ୍ତ ସ୍କାଉଟ ମାଷ୍ଟର, ଗାଇଡ କ୍ୟାପ୍‌ଟେନ ତଥା ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ଏହି ସଭା ସାଫଲ୍ୟ ମଣ୍ଡିତ ହୋଇଥିଲା। ଶେଷରେ ସ୍କାଉଟ୍ସ ମାଷ୍ଟର ଆନନ୍ଦ ଚନ୍ଦ୍ର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ।




ତାଲିମ ନେଇଥିବା ସ୍କାଉଟ୍‌ସ ଗାଇଡ୍‌ସଙ୍କ ସହ ଅନ୍ୟମାନେ।

# ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ ଲାଇଟ୍ ପ୍ରକଳ୍ପ ଉଦ୍‌ଘାଟିତ

ବଡ଼ବିଲ, ୨୨।୨(ସ୍ୱ.ପ୍ର.)

ବଡ଼ବିଲ ପୌରାଞ୍ଚଳରେ ଶୁକ୍ରବାର ଅପରାହ୍ଣରେ ସ୍ମାର୍ଟ ଏଲଇଡି ଷ୍ଟ୍ରିଟ ଲାଇଟ୍ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ପୌରାଞ୍ଚଳର ୱାର୍ଡ ନଂ-୧୩ସ୍ଥିତ ଡର୍ବି ଛକରୁ ଏହି ପ୍ରକଳ୍ପ କାର୍ଯ୍ୟକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଆମ ସହର-ଆମ ଉନ୍ନତି ଯୋଜନାରେ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଦ୍ୱାରା ପୌରାଞ୍ଚଳର ବିଭିନ୍ନ ୱାର୍ଡର ରାସ୍ତାରେ ଆଲୋକୀକରଣ ହୋଇ ନ ଥିବା ଅଞ୍ଚଳ ଏବେ ଆଲୋକିତ ହେବ ବୋଲି ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଅତିରିକ୍ତ ତହସିଲଦାର ଅଭିଷେକ ପଣ୍ଡା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୌର ମୁଖ୍ୟ କିରାଣୀ ରମେଶ ଚନ୍ଦ୍ର ମହାନ୍ତ ଓ ପୂର୍ବତନ ପୌର ଉପାଧ୍ୟକ୍ଷା ଲାବଣ୍ୟବତୀ ସାହୁଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

ଆନନ୍ଦପୁର, ୨୨।୨(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ନରହରି ଜେନା ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନେ କିପରି ସାହସୀ ଏବଂ ନିଜକୁ ସୁରକ୍ଷା ଦେଇପାରିବେ ସେ ସମ୍ପର୍କରେ ମତ ଦିଆଯାଇଥିଲା। ପ୍ରଶିକ୍ଷିକା ଭାବେ ଭାଗ୍ୟଶ୍ରୀ ସାହୁ ଛାତ୍ରୀମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଆତ୍ମରକ୍ଷା ତାଲିମ ଶିବିର ସଂଯୋଜିକା ସୌଦାମିନୀ ମିଶ୍ର, ଅଧ୍ୟାପକ ଅଶୋକ କୁମାର ରାଜ, ନିହାର ରଞ୍ଜନ ସାମଲ, ତରଣୀସେନ ସାମଲ, କ୍ଷୀରୋଦ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଟ୍ରିକ ପରୀକ୍ଷା ଦେଲେ ୧୦୧୬ ଛାତ୍ରୀଛାତ୍ର

ଢେଙ୍କିକୋଟ, ୨୨।୨(ଡି.ଏନ.ଏ.)

ଢେଙ୍କିକୋଟରେ କଡ଼ା ସୁରକ୍ଷା ମଧ୍ୟରେ ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ପରୀକ୍ଷା ଦେଇଛନ୍ତି। ଘଟଗାଁ ବ୍ଲକରେ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ, ପିପିଳିଆ ନିତାଇଗୌର ହାଇସ୍କୁଲ, ପଣ୍ଡାପଡ଼ା ଅମ୍ବିକା ହାଇସ୍କୁଲ, ତୋରାଣୀ ପୋଖରୀ ଗୋପବନ୍ଧୁ ହାଇସ୍କୁଲ, ବାରାହାଟିପୁରା ନୀଳକଣ୍ଠେଶ୍ୱର ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ଦେହୁରୀପଶି, ସରକାରୀ ବାଳିକା ହାଇସ୍କୁଲ ଘଟଗାଁ, ତାରିଣୀ ବିଦ୍ୟାପୀଠ, ଘଟଗାଁରେ ୮ ପରୀକ୍ଷା କେନ୍ଦ୍ରରେ ୧୦୧୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଠିକ୍ ସମୟରେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ନୋଡ଼ାଲ କେନ୍ଦ୍ରରୁ ପ୍ରଶ୍ନପତ୍ର ପଠାଯାଇ ଯଥା ସମୟରେ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିବା ଘଟଗାଁ ଜିଲା ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା ପ୍ରକାଶ କରିଛନ୍ତି।



ପରୀକ୍ଷା କେନ୍ଦ୍ରରୁ ବାହାରୁଛନ୍ତି ଛାତ୍ରୀଛାତ୍ର।

# ଝୁମ୍ପୁରା ପଞ୍ଚାୟତ ସମିତି ବୈଠକ

ଝୁମ୍ପୁରା, ୨୨।୨(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ସଭା କକ୍ଷରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଝୁମ୍ପୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ ନାଏକ ବୈଠକରେ ସଭାପତିତ୍ୱ କରିଥିଲେ। ବିଡିଓ ଜୟଶ୍ରୀ ବେଉରା, ବ୍ଲକ ଉପାଧ୍ୟକ୍ଷା ସୁବାସିନୀ ବାରିକଙ୍କ ସହିତ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଉଦ୍ୟାନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ୧୭ ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ୧୬ ନଂ ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡା ବୈଠକରେ ଯୋଗ ଦେଇଥିଲେ। ନିର୍ବଚନ ପାଖେଇ ଆସୁଥିବାରୁ ବୈଠକ ହୋଇଛି। ବୈଠକରେ ୨ ବିଧାୟକ (ସଦର,ପାଟଣା) କିମ୍ବା ତାଙ୍କର ପ୍ରତିନିଧି ଏବଂ ଲୋକ ସଭା ସଦସ୍ୟ କିମ୍ବା ତାଙ୍କ ପ୍ରତିନିଧିଙ୍କର ଦେଖା ନ ଥିଲା।

ବୈଠକର କାର୍ଯ୍ୟ ଖସଡାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ, କୃଷି ଏବଂ ପଞ୍ଚାୟତ ସ୍ତରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବହୁ ଅଧିକାରୀଙ୍କର ଦେଖା ନ ଥିଲା। ବ୍ଲକସ୍ତରୀୟ ଅଧିକାରୀ ବୈଠକକୁ ଆସି ପୁଣି ନିଜ ସିଟ ଛାଡି ପଳାଇଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ୱାସ୍ଥ୍ୟ, ଶିକ୍ଷା ଓ ସମନ୍ୱିତ ଶିଶୁ ବିକାଶ ଉପରେ ବହୁ ସମୟ ଧରି ଆଲୋଚନା ସହ ବାଦାନୁବାଦ ପର୍ଯ୍ୟନ୍ତ କଥା ଯାଇଥିଲା। ୧୭ନଂ ଜିଲା ପରିଷଦ ସଦସ୍ୟ, ୧୬ନଂ ଜିଲା ପରିଷଦ ସଦସ୍ୟ, ଖେଣ୍ଡରା ସରପଞ୍ଚ ଦର୍ଶନ ମୁଣ୍ଡା, ଅର୍ଶଳା ସରପଞ୍ଚ ପ୍ରସନ୍ନ ନାଏକ, ବାରିଆ ସମିତି ସଭ୍ୟ ଶିବଚରଣ ପ୍ରଧାନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପଞ୍ଚାୟତ ସମସ୍ୟା ଉପରେ ବହୁ ପ୍ରଶ୍ନ ବୈଠକରେ ଉପସ୍ଥାପନ କରିଥିଲେ।




ବୈଠକରେ ବିଭିନ୍ନ ବିଭାଗର କର୍ମକର୍ତ୍ତା।

# ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

ଚମ୍ପୁଆ, ୨୨।୨(ଡି.ଏନ.ଏ.)

ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ବସାସହିଠାରେ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ଗ୍ୟାସର ବ୍ୟବହାର କିପରି କରିବେ ଏବଂ ଇନ୍ଧନ, ସମୟ ଓ ଅର୍ଥକୁ ସଞ୍ଚୟ କରାଯାଇପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା। କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନସ୍ ଜରିଆରେ ଉପସ୍ଥିତ ମହିଳାଙ୍କ ସହ ସିଧାସଳଖ କଥାବାର୍ତ୍ତା କରିଥିଲେ। ଏହି ଉତ୍ସବକୁ ଭାବଗ୍ରାହୀ ମହାନ୍ତ ପରିଚାଳନା କରିଥିବା ବେଳେ ପୂର୍ବତନ ଏମ୍‌ପି ଅନନ୍ତ ନାଏକ, ଭାଜପା ଜିଲା ସଭାପତି ରାଧାକାନ୍ତ ମହାନ୍ତ, ଇଣ୍ଡିଆନ ଅଏଲ ସହକାରୀ ମ୍ୟାନେଜର ଅଙ୍କୁର ଅଭନବ, ସୁକେଶି ଓରାମ, ସିର୍ଦ୍ଧାଥ କୁମାର ସିଂ, ସମବାରୀ ମୁଣ୍ଡା, ରେଣୁକା ମହାନ୍ତ, ସପ୍ନା ସାହୁ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ରହିଥିଲେ।

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୨୩ ଫେବୃୟାରୀ, ୨୦୧୯



## ସଂକ୍ଷେପରେ

### ସବୁଜ ମହାନଦୀ ମିଶନ ଶୋଭାଯାତ୍ରା

**ଚମ୍ପୁଆ, ୨୨।୨(ଡି.ଏନ.ଏ.):** ଚମ୍ପୁଆ ବନ ବିଭାଗ ପକ୍ଷରୁ ସବୁଜ ମହାନଦୀ ମିଶନ ପରିପ୍ରେକ୍ଷୀରେ ଶୁକ୍ରବାର ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ଚମ୍ପୁଆ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ବାହାରି ପତଳା ନର୍ସରୀରେ ପହଞ୍ଚିଥିଲା। ଲୋକଙ୍କୁ ବନୀକରଣ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ଗଛ ନ କାଟିବା ଉପରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଶତାଧିକ ବନ ସୁରକ୍ଷା ସମିତିର ସଭ୍ୟ ସଭ୍ୟା ଓ କର୍ମଚାରୀ ସାଇକେଲ ଯୋଗେ ପରିକ୍ରମା କରିଥିଲେ। ଏଥିରେ ଚମ୍ପୁଆ ରେଞ୍ଜର ଘନଶ୍ୟାମ ବାରିକ, ବନପାଳ ଖଗେଶ୍ୱର ବାରିକ, ଯୋଡା ବନପାଳ ପିଅନ ନାଏକ, ବାମେବାରୀ ବନପାଳ ଯତିନ୍ଦ୍ର ସାହୁ, ବାଲିବନ୍ଧ ବନପାଳ ବିଦ୍ୟାଧର ସାହୁ, ବନରକ୍ଷୀ ମିତ୍ରଭାନୁ ନାଏକ, ଶ୍ରାବଣୀ ମହାନ୍ତ, ଚନ୍ଦ୍ରକାନ୍ତ ମହାନ୍ତ, ବିନୋଦ ବିହାରି ବେହେରା, ଦଳଗୋବିନ୍ଦ ଦେଓ ଏବଂ ଏନଜିଓ ପିତାମ୍ବର ମହାନ୍ତ, ସଙ୍କରର୍ଷଣ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

### ବିଶ୍ୱ ମାତୃଭାଷା ଦିବସ



**ବଡ଼ବିଲ, ୨୨।୨(ସ୍ୱ.ପ୍ର.):** ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ସରସ୍ୱତୀ ବନ୍ଦନା ଗାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତି ମାତୃଭାଷାର ଗୌରବକୁ ବଜାୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଡମ୍ବରୁ ମହାନ୍ତ ମାତୃଭାଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧରେ କବିତା ପଠନ, ଶବ୍ଦ ଗଠନ ଓ ଶୁଦ୍ଧ ଶବ୍ଦ ଉଚ୍ଚାରଣ ନେଇ କର୍ମଶାଳା ହୋଇଥିଲା। ଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦ୍ୟାଳୟ ବାର୍ଷିକ ଉତ୍ସବ

**ଭଣ୍ଡାରିପୋଖରୀ, ୨୨।୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀସ୍ଥିତ ହାରାମଣି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାବଗ୍ରାହୀ ବିଶ୍ୱାଳ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ କଲେଜ ଅଧକ୍ଷ ଭରତ ଚନ୍ଦ୍ର କରଣ ମୁଖ୍ୟବକ୍ତା ଏବଂ ବିଡିଓ ବନମାଳୀ ତରାଇ, ଲକ୍ଷ୍ମୀଧର ନାୟକ, ଭଣ୍ଡାରିପୋଖରୀ ନୋଡାଲ ସ୍କୁଲ ପ୍ରଧାନ ଶିକ୍ଷକ ରମାକାନ୍ତ ଲେଙ୍କା, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାର୍ଥୀଙ୍କ ମଧରେ ଥିବା ବଡ଼ ସ୍ୱପ୍ନ ସଫଳତା ଆଣି ଦେଇଥାଏ। ଏପିଜେ ଅବଦୁଲ କଲାମଙ୍କ ଜୀବନୀକୁ ବ୍ରତ ଭାବେ ଛାତ୍ରୀମାନେ ଗ୍ରହଣ କରିବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସମରେନ୍ଦ୍ର ଉଦ୍‌ଗାତା ଅତିଥି ପରିଚୟ ପ୍ରଦାନ ଓ ଦେବସ୍ମିତା ସେନାପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଶରତ କୁମାର ପହୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି କ୍ରୀଡ଼ାରେ ଯୁଗ୍ମ ଚାମ୍ପିୟନ ବରିଷ୍ଠ ସ୍ୱର୍ଣ୍ଣପ୍ରଭା ରାଉତ, ଏଲିନା ବେହେରା ଏବଂ କନିଷ୍ଠ ବିଭାଗରେ ଚାମ୍ପିୟନ ଗୀତାଞ୍ଜଳି ସେଠୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସ୍ମୃତିରଞ୍ଜନ ଦାଶ, ରନିତା ଦାଶ, ରେଶମି ପରବିନ୍, ନରହରି ଦାସ, ଗଗନ ବିହାରୀ ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ

**ଭଦ୍ରକ ଅଫିସ, ୨୨।୨:** ଭଦ୍ରକ ସାତଭଉଣୀଠାରେ ଶୁକ୍ରବାର ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ। ଜିଲା ନୋଡାଲ ଅଫିସର କାର୍ତ୍ତିକ ଚନ୍ଦ୍ର ଜେନା ଯୋଗଦେଇ ଉଜ୍ଜ୍ୱଳା ଯୋଜନାର ସଫଳତା ଏବଂ ଆବଶ୍ୟକତା ଉପରେ ବିବରଣୀ ପ୍ରଦାନ କରିଥିଲେ। ଚିକିତ୍ସକ ଡା. ପ୍ରଦୀପ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ମଧରୁ ଉଜ୍ଜ୍ୱଳା ଯୋଜନା ଏକ ଯୁଗାନ୍ତକାରୀ ଯୋଜନା ବୋଲି ବର୍ଣ୍ଣନା କରିଥିଲେ। ଏହି ସଭାରେ କେନ୍ଦ୍ର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନଫରେନ୍ସିଂ ମାଧମରେ ଉଦ୍‌ବୋଧନ ଦେଇ ହିତାଧିକାରୀଙ୍କ ସହ କଥା ହୋଇଥିଲେ। ଅନ୍ୟମାନଙ୍କ ମଧରେ ପ୍ରଭାତ ଜେନା, ଆଦିକନ୍ଦ ନାୟକ, ବିଦ୍ୟାଧର ସାହୁ, ଭାସ୍କର ଚନ୍ଦ୍ର ସାହୁ, ସୁକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାର୍ଷିକ ଉତ୍ସବ ପାଇଁ ହିଙ୍ଗୁଳା ପୀଠ ଚଳଚଞ୍ଚଳ

## ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରସ୍ତୁତି

**ବଡ଼ସାହି,୨୨।୨(ସ୍ୱ.ପ୍ର)**

ଶନିବାର ମା' ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବ। ଏଥିପାଇଁ ବଡସାହି ବ୍ଲକଠାରୁ ୫ କି.ମି. ଦୂର ସୁହାଗପୁର ଶାଳୁଆ ଜଙ୍ଗଲରେ ଅବସ୍ଥିତ ମା' ହିଙ୍ଗୁଳାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ବାର୍ଷିକ ପୂଜା ପାଇଁ କମିଟି ଓ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଅସ୍ଥାୟୀ ଫାଣ୍ଡି ସ୍ଥାପନ ସାଙ୍ଗକୁ ୫ ପ୍ଲାଟୁନ ଫୋର୍ସ, ୨ ଇନ୍ସପେକ୍ଟର, ୫ ସବଇନ୍ସପେକ୍ଟର, ୧୫ ଏଏସ୍‌ଆଇ, ୫ ହାବିଲଦାରଙ୍କ ସହ ସାଦା ପୋଷାକଧାରୀ ଅଫିସର ନିୟୋଜିତ ହେବେ ବୋଲି ସୂଚନା ଦିଆଯାଇଛି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ କିପରି ଦିଅଁ ଦର୍ଶନ, ମାନସିକ ପୂଜା ଆଦି ଶାନ୍ତିଶୃଙ୍ଖଳାର ସହିତ କରିପାରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଟ ନିର୍ମାଣ କରାଯାଇଛି। ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ବେଳେ ବଡସାହି-ସୁହାଗପୁର ରାସ୍ତାର ଗୁହାଳଡିହି ଛକଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ଉଦଳା ଓ ଖୁଣ୍ଟା ପଟୁ ଆସୁଥିବା ଯାନବାହନ ସୁହାଗପୁରା ଛକ ପଛପାର୍ଶ୍ୱ ପାଳସା ପଡ଼ିଆ, କୁଆମରା ଓ ଦେଉଳିଆ ପଟୁ ଆସୁଥିବା ଯାନବାହନ ଚାନ୍ଦଡିହା ହାଟପଡ଼ିଆରେ ପାର୍କିଂ କରିବେ। ଆମ୍ବୁଲାନ୍ସ, ଦମକଳ ଗାଡ଼ି, ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଗାଡ଼ି ବ୍ୟତୀତ ସୁହାଗପୁରା ଛକ ପାଖରୁ ଚାନ୍ଦଡିହା ଛକ ମଧରେ ଅନ୍ୟ ଯାନବାହନ ଚଳାଚଳକୁ ନିଷିଦ୍ଧ କରାଯାଇଛି। ଶନିବାର ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ।

ମନ୍ଦିରର ନୀତିନିର୍ଘଣ୍ଟ ସମ୍ପର୍କରେ ମନ୍ଦିର ଟ୍ରଷ୍ଟ ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ୫ଟାରେ ମା'ଙ୍କ ପହଡ଼ ଭଙ୍ଗା ହେବାକୁ ଥିବାବେଳେ ୫ଟା ୩୫ ମିନିଟରେ ମଙ୍ଗଳ ଆଳତି ହୋଇ ସାଧାରଣ ଦର୍ଶନ ଦିନତମାମ ଚାଲୁ ରହିବ। ସେହିପରି ୫ଟା ୫୦ମିନିଟରେ ମହାସ୍ନାନ, ୬ଟା ୨୫ରେ ସୂର୍ଯ୍ୟପୂଜା, ୭ଟା ୩୦ରେ ଯଜ୍ଞ ଆରମ୍ଭ, ୮ଟା ୩୦ରେ ଦେବୀଙ୍କ ଯଜ୍ଞକୁଣ୍ଡକୁ ଶୋଭାଯାତ୍ରା, ଅପରାହ୍ନ ୪ଟାରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ ଓ ୪ଟା ୧୦ରେ ପୂର୍ଣ୍ଣାହୁତି ହେବ। ୩୦ ଜଣ ବ୍ରାହ୍ମଣଙ୍କ ଦ୍ୱାରା ପୂଜାକାର୍ଯ୍ୟ ସମ୍ପାଦନ ହେବାକୁ ଥିବାବେଳେ କମିଟିର ସମସ୍ତ ସଦସ୍ୟ ମେଳା ପରିଚାଳନାରେ ସହଯୋଗ କରିବେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କର୍ମଚାରୀ ନିଯୁକ୍ତି କରାଯାଇଥିବା ବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ମେଳାରେ ବିଦ୍ୟୁତ୍, ପାନୀୟଜଳ ଯୋଗାଣ ଓ ଗମନାଗମନ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲ ପେଟେ, ପିନ୍ଧିଲ ମୋଟେ**
**ଚାଲିଯାଉଅଛ ବାଟେ ବାଟେ ।**

ଆଜିର ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପୂରଣ ପାଇଁ ସଦା ଚିନ୍ତିତ, ସଦା ଚେଷ୍ଟିତ। ଏପରିସ୍ଥଳେ ତାଙ୍କଠାରୁ କୌଣସି ପ୍ରକାର ସାହାଯ୍ୟ, ସହାନୁଭୂତିର ଆଶା ରଖିବା ନିରର୍ଥକ। ସାଧାରଣତଃ ସ୍ୱାର୍ଥୀ ପ୍ରକୃତିର ବ୍ୟକ୍ତି ସବୁବେଳେ ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାନ୍ତି। ନିଜ ସ୍ୱାର୍ଥପୂରଣ ହୋଇଗଲେ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଉଚିତ ମଣିଥାନ୍ତି। ପରେ ତାଙ୍କର ଟେର୍ ଆଉ କେହି ପାଇପାରୁ ନ ଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ବାଳୀ ଲୋ ଖଣ୍ଡି ପଞ୍ଜରି**
**କିଣି ଆଣିଥିଲି ତୋତେ ।**
**ଯେଉଁଦିନ ତୋର ବାଳ କଅଁଳିବ**
**ଜବାବ ଦେବୁ ତୁ ମୋତେ ।**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା'ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ଓଲଟି କୃତଜ୍ଞ ରହିବା ବଦଳରେ ବେଇମାନି ପ୍ରଦର୍ଶନ କରିବାକୁ ପଛଘୁଞ୍ଚା ଦେଇ ନ ଥାଏ। ଏପରିସ୍ଥଳେ ନିରାଶ୍ରୟା ଅସହାୟା ତରୁଣୀ ପ୍ରତି ସହୃଦୟତାର ହାତ ବଢ଼ାଇଥିବା ବ୍ୟକ୍ତି ତା'ର ପରିବର୍ତ୍ତିତ ବ୍ୟବହାର ନେଇ ସନ୍ଦିହାନ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କ୍ୟାଣ୍ଡେଲ ରାଲି, ଶୋଭାଯାତ୍ରା

**କେନ୍ଦୁଝର, ୨୨।୨(ସ୍ୱ.ପ୍ର.)**

କେନ୍ଦୁଝର ସାଇଭକ୍ତଙ୍କ ତରଫରୁ ସିଦ୍ଧମଠସ୍ଥିତ ସାଇମନ୍ଦିରରେ ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳି ଜ୍ଞାପନ ସହ ଶୋକ ପାଳନ କରାଯାଇଛି। ସାଇଙ୍କଠାରେ ସାମ୍ନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଯବାନଙ୍କ ଉଦ୍ଦେଶ୍ୟରେ ୪୪ ମହମବତୀ ଜଳାଯାଇ ଗାୟିତ୍ରୀ ମନ୍ତ୍ର ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା।

**ଆନନ୍ଦପୁର, (ସ୍ୱ.ପ୍ର.):** ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ହାଇସ୍କୁଲର ସ୍କାଉଟ୍‌ସ ମାଷ୍ଟର ଦେବୀଦାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ସ୍କାଉଟସ୍ ଓ ଗାଇଡସ୍‌ମାନେ ଘସିପୁରା ବସଷ୍ଟାଣ୍ଡଠାରୁ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ କ୍ୟାଣ୍ଡଲ ଶୋଭାଯାତ୍ରା କରିଥିଲେ। ବୀର ସହୀଦ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୫ରୁ ଉର୍ଦ୍ଧ୍ୱ ସ୍କାଉଟସ୍ ଓ ଗାଇଡ୍‌ସ ସମେତ ଅଭିଭାବକ ସାମିଲ ହୋଇଥିଲେ।



କ୍ୟାଣ୍ଡେଲ ଶୋଭାଯାତ୍ରାରେ ସ୍କାଉଟ୍‌ଗାଇଡ୍ସ ଓ ଅନ୍ୟମାନେ।

ବୀର ଶହୀଦ୍ ଅମର ରହେ ଧ୍ୱନୀରେ ସ୍କାଉଟ୍ ଗାଇଡ୍ ରାଲିରେ ବାହାରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ସୁର, ଗାଇଡ୍ କ୍ୟାପଟେନ୍ ଗୀତାଞ୍ଜଳି ଯେନା, କର୍ମଚାରୀ ରମେଶ ସ୍ୱାଇଁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

**ଯୋଡ଼ା, (ଡି.ଏନ.ଏ.):** ଯୋଡ଼ା ପାତ୍ରତନ୍ତୀ କଲ୍ୟାଣ ସମିତି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଶହୀଦ ଯବାନଙ୍କ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ପାତ୍ରତନ୍ତୀ କଲ୍ୟାଣ ସମିତିର ସଭାପତି କରୁଣାକର ପାତ୍ର, ଉପସଭାପତି ଗୋକୁଳ ପାତ୍ର, ସମ୍ପାଦକ ବସନ୍ତ ପାତ୍ର, ସହସମ୍ପାଦକ ମାୟାଧର ପାତ୍ର, ମୁଖ୍ୟ ଉପଦେଷ୍ଟା ଅଚ୍ୟୁତାନନ୍ଦ ପାତ୍ର, ଦିବାକର ପାତ୍ର, ଭାସ୍କର ବେଣିପୁରୀ, ମିତ୍ରଭାନୁ ପାତ୍ର ଏବଂ ମହିଳା ସମିତି ସଭାପତି ଚନ୍ଦ୍ରିକା ଦାସଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।

### ୱାର୍ଡ଼ କମିଟି ଗଠନ ପାଇଁ ତତ୍ପରତା

**ହାଟଡ଼ିହୀ, ୨୨।୨(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ ଶାଳନିଆଁ ପଞ୍ଚାୟତରେ କୌଣସି କାରଣକୁ ନେଇ ୱାଡ଼ କମିଟି ଗଠନ ହୋଇ ପାରି ନ ଥିଲା। ୱାଡ଼ କମିଟି ଗଠନ ପାଇଁ ଜିଲା ସଭାପତି ବିମ୍ବାଧର ବିଶ୍ୱାଳ, ଆନନ୍ଦପୁର ବିଧାୟକ ମାୟାଧର ଯେନା, ବ୍ଲକ ସଭାପତି ବିକ୍ରମ ବିଶ୍ୱାଳ, ପୂର୍ବତନ ଅଧକ୍ଷା ସାବିତ୍ରୀ ସେଠୀ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା, ଯୁବ ନେତା ବିମଳ ଯେନା ଓ ଅଭିମନ୍ୟୁ ସେଠୀ ପ୍ରମୁଖ କମିଟି ଗଠନ ଉପରେ ଗୁରୁତ୍ୱରୋପ କରିଥିଲେ। ୱାଡ଼ କମିଟି ଗଠନ ପାଇଁ ପଞ୍ଚାୟତସ୍ତରୀୟ ନେତାଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ପଞ୍ଚାୟତର ବିରେନ୍ଦ୍ର ବିଶ୍ୱାଳ, ଯୋଗେନ୍ଦ୍ର ବେହେରା, ଜନାର୍ଦ୍ଦନ ସ୍ୱାଇଁ, ଶ୍ରୀଧର ସ୍ୱାଇଁ, ସରୋଜ ନାୟକ, ଶିଶିର ବେହେରା, ରଙ୍ଗାଧର ମଲ୍ଲିକ, ବାବୁଲି ବେହେରା, ଶିଶିର ବେହେରା, ନିର୍ମଳ ସେଠୀ ପ୍ରମୁଖଙ୍କୁ ନେଇ ଏକ ବୈଠକ ଡକାଯାଇଥିଲା।

# କୁଶେଇ ସେତୁ ଅଧାପନ୍ତରିଆ





ନିର୍ମାଣାଧୀନ ନୂତନ କୁଶେଇ ସେତୁ।

**ଆନନ୍ଦପୁର, ୨୨।୨(ସ୍ୱ.ପ୍ର.)**

୨୦ ନଂ ଜାତୀୟ ରାଜପଥର ବହୁ ଚର୍ଚ୍ଚିତ ବେଲବାହାଳୀ ନୂତନ କୁଶେଇ ସେତୁ ଅଧାପନ୍ତରିଆ ହୋଇପଡ଼ି ରହିଛି। ସେତୁ ନିର୍ମାଣକାରୀ ସଂସ୍ଥା କାର୍ଯ୍ୟ ଅଧାରୁ ଛାଡି ପଳାଇଯାଇଛି। ସେତୁରେ ବ୍ୟବହାର ପାଇଁ ଗଚ୍ଛିତ ଥିବା ବହୁ ପରିମାଣର ୨୫ରୁ ୩୦ ଏମଏମ ସ୍ୱତନ୍ତ୍ର ଲୁହାରଡ ଆଉ ଦେଖିବାକୁ ମିଳୁନାହିଁ। ଉକ୍ତ ଲୁହାରଡ ଗୁଡିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଆଲୋଚନା ହେଉଛି। ଏପରିକି ସେତୁରେ ବ୍ୟବହାର ହୋଇଥିବା ଲୁହାରଡର ବଳକା ଅଂଶ ମଧ୍ୟ ଦୁର୍ବୃତ୍ତମାନେ କାଟି ନେଇଥିବା କୁହାଯାଉଛି। ସେତୁ ନିକଟରେ ବହୁ ଟଙ୍କାର ଲୁହାରଡ ଦୀର୍ଘ ଦିନ ଧରି ପଡିରହିଥିଲେ ସୁଦ୍ଧା ଜଗାରଖା ଅଭାବରୁ ତାହା ଚୋରି ହୋଇଥିବା ଆଲୋଚନା ହେଉଛି। ଲୁହାରଡ ଚୋରି ହୋଇଥିବା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

### ■ ସାଇକେଲରେ ଭାରତ ଭ୍ରମଣ କରିବେ ତ୍ରିଲୋଚନ

# ଲୋକଙ୍କୁ ଦେବେ ଯକ୍ଷ୍ମା ସଚେତନତା ବାର୍ତ୍ତା

**ଭଦ୍ରକ ଅଫିସ, ୨୨।୨**

ଜନସଚେତନତା ଦ୍ୱାରା ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇପାରିବ। ଏହି ଲକ୍ଷ୍ୟ ନେଇ ଭଦ୍ରକ ଜିଲା ତିହିଡ଼ି କାଳିମେଘାର ଯୁବକ ତ୍ରିଲୋଚନ ମହାଳିକ ସାଇକେଲରେ ଭାରତ ଭ୍ରମଣ କରି ସଚେତନତା ବାର୍ତ୍ତା ପ୍ରଚାର ପାଇଁ ଆଗଭର ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ବିଶ୍ୱ ଯକ୍ଷ୍ମା ଦିବସରେ ସେ ଭଦ୍ରକରୁ ଯାତ୍ରାରେ ବାହାରିବେ। ୨୫୦ ଦିନ ବ୍ୟାପି ସାଇକେଲରେ ୧୧,୦୦୦ କି.ମି. ପରିକ୍ରମା କରି ସେ ସଚେତନତା ବାର୍ତ୍ତା ପ୍ରଚାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପରିକ୍ରମା ସମୟରେ ବିଭିନ୍ନ ଅଞ୍ଚଳରେ ପ୍ରଚାରପତ୍ର, ସଚେତନତା ଶୋଭାଯାତ୍ରା ଓ ଜନସଭା କରି ଲୋକଙ୍କୁ ଯକ୍ଷ୍ମା ସମ୍ପର୍କରେ ସଚେତନ କରିବେ। ଆସନ୍ତା ନଭେମ୍ବର ଶେଷ ସୁଦ୍ଧା ଭଦ୍ରକକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯୋଜନା ରଖିଛନ୍ତି। ଭଦ୍ରକ ରୋଟାରି କ୍ଲବ ଦ୍ୱାରା ପ୍ରାୟୋଜିତ ଏହି ସଚେତନତା ଫଳପ୍ରଦ ହେବ ବୋଲି ରୋଟାରିଆନ ଡା. ପ୍ରଭାସ କୁମାର ମହାନ୍ତି ଆଶା ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଭଦ୍ରକ ରୋଟାରି କ୍ଲବ ସଭାପତି ଅଜିତ୍ କୁମାର ଦାସ, ଡା. ସୁଧୀରଞ୍ଜନ ନାୟକ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଭଦ୍ରକ ଜିଲା ଯକ୍ଷ୍ମା ପ୍ରକଳ୍ପ ସଂଯୋଜକ ନିବାସ ପାଢ଼ୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।



ତ୍ରିଲୋଚନ ମହାଳିକଙ୍କୁ ଖବରଦାତା ସମ୍ମିଳନୀରେ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଉଛି।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭଦ୍ରକ ଅଫିସ, ୨୨।୨**

ଭଦ୍ରକ ଚରମ୍ପାସ୍ଥିତ ଆର୍‌ସିବିଏଲ୍ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଦୁଇଦିନିଆ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ପଞ୍ଚାୟତ ସମିତି ଅଧକ୍ଷ ରଘୁନାଥ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ପାଢୀ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁରଜିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ୪ ଶହରୁ ଉର୍ଦ୍ଧ୍ୱ ପିଲା ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବମକୁରା ନୋଡାଲ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ରମାକାନ୍ତ ପରିଡା, ମୁଖ୍ୟବକ୍ତା ଭାବେ ଓଷ୍ଟାର ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଭାକର ଦାସ, ଜୟନ୍ତୀ ଦାସ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଅଶୋକ ବିଶ୍ୱାଳ ଓ ରବୀନ୍ଦ୍ର ଓଝା ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

# ଶିକ୍ଷା କ୍ଷେତ୍ରରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବନ୍ତ, ୨୨।୨ (ଡି.ଏନ.ଏ.)**

ଶିକ୍ଷା କ୍ଷେତ୍ରରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବନ୍ତ ବ୍ଲକ ନିଳୋକସ୍ଥିତ ସାଧନା ବିଦ୍ୟାମନ୍ଦିରରେ ଆୟୋଜିତ ବାର୍ଷିକ ମାତୃପିତୃ ସମ୍ମିଳନୀରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧକ୍ଷ ବିଶ୍ୱନାଥ ବାରିକ ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ରବିନାରାୟଣ ପରିଡା ମୁଖ୍ୟଅତିଥି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ ବରେଣ୍ୟ ଅତିଥି, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଧର୍ମେନ୍ଦ୍ର ନାରାୟଣ ଜେନା ମୁଖ୍ୟବକ୍ତା, ସରପଞ୍ଚ ଅଶୋକ କୁମାର ମହାନ୍ତି, ଶିଶୁ ମଙ୍ଗଳ ଅଧିକାରୀ ଟୁନାବାଳା ଦାସ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜିକା କୁଳପ୍ରଭା ସୁଆର, ଅବସରପ୍ରାପ୍ତ ଶିକ୍ଷକ ମନମୋହନ ଆଚାର୍ଯ୍ୟ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ପାଢୀ ଅତିଥି ପରିଚୟ ଓ ଶିକ୍ଷକ ଦିଗମ୍ବର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଶିକ୍ଷକ ବାବାଜୀ ଚରଣ ଦଳେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରତିଷ୍ଠାତା ପଦ୍ମଲୋଚନ ବାରିକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ସଦସ୍ୟ ନବ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଭାବକ ଦୀନବନ୍ଧୁ ନାୟକ, ଚିତ୍ତରଞ୍ଜନ ନାୟକ, ମଧୁସୂଦନ ନାୟକ, ସରୋଜ ମଲ୍ଲିକ, ମହାଶ୍ୱେତା ସେନାପତି, ଶଶୀରେଖା ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ କିମ୍ବା ନିକଟସ୍ଥ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ।

# ଶିବମୁନି ଯୋଗାଶ୍ରମର ବାର୍ଷିକ ସମାରୋହ

**ବାସୁଦେବପୁର, ୨୨।୨ (ଡି.ଏନ.ଏ.)**

ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଅଖିଳ ଭୂମଣ୍ଡଳୀୟ ମୁନି ସମାଜ ପକ୍ଷରୁ ଶିବମୁନି ଯୋଗାଶ୍ରମର ବାସୁଦେବପୁର ଶାଖାର ୬ଷ୍ଠ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁନି ଚକ୍ରଧର ବେହେରା ମୁନି ସମାଜର ସତ୍ୟପତାକାକୁ ଉତ୍ତୋଳନ କରିଥିଲେ। ପ୍ରାରମ୍ଭରେ ପୁଲୱାମାରେ ଶହୀଦ ଯବାନ, ଯୋଗାଚାର୍ଯ୍ୟ ମନ୍ମଥ ମୁନି ଓ ସୁବାସ ମୁନିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜରୁ ଆସିଥିବା ଯୋଗୀ ହରେକୃଷ୍ଣ ମୁନି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଯୋଗ ଶରୀରକୁ ସୁସ୍ଥ ରଖିବା ସହ ମାନସିକ ସ୍ଥିରତା ଓ ଶାନ୍ତି ଆଣିଦେଇଥାଏ। ଯୋଗ ଆତ୍ମଜ୍ଞାନର ପରିବୃଦ୍ଧି କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ଭାବେ ମୁନିରତ୍ନ ଯୋଗୀ ବସନ୍ତ ମୁନି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଯୋଗୀ ପଦ୍ମନାଭ ମହାରଣା ଯୋଗ ଦେଇଥିଲେ। ଯୋଗୀ ଜଗବନ୍ଧୁ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଚକ୍ରଧର ବେହେରା ସଭାରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଯୋଗୀ ନାରାୟଣ, ତ୍ରିଲୋଚନ ମୁନି, ଚନ୍ଦ୍ରଶେଖର ମୁନି, ଉମାକାନ୍ତ ମୁନି, ଶିକ୍ଷୟିତ୍ରୀ ଶୈଳବାଳା ପାଣିଗ୍ରାହୀ, ଯୋଗୀ କାଶୀନାଥ ମୁନି, ଧ୍ରୁବ ମୁନି ମୁନି ସଂଗୀତ ଗାନ କରିଥିଲେ। ହରିଶ୍ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଖିଳ ଭୂମଣ୍ଡଳୀୟ ମୁନିସମାଜର ୩ଶହରୁ ଉର୍ଦ୍ଧ୍ୱ ମୁନି ଓ ଯୋଗୀ ଉପସ୍ଥିତ ଥିଲେ।

# ଓଭରହେଡ ପାଣିଟାଙ୍କି ନାହିଁ

### ■ ପାଇପ୍ ଜଳ ଯୋଗାଣରେ ସମସ୍ୟା
### ■ ବିଦ୍ୟୁତ୍ ସରବରାହ ବନ୍ଦ ହେଲେ ହଇରାଣ ହେବେ ଲୋକେ

**ବାସୁଦେବପୁର, ୨୨।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହରରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ସହରରେ ନାହିଁ ଓଭରହେଡ ପାଣିଟାଙ୍କି। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଲେ ସହରବାସୀ ପାଣି ପାଇଁ ହଇରାଣ ହୋଇଥାନ୍ତି। ଏହା ଜିଲାର ଏକ ପ୍ରମୁଖ ସହରାଞ୍ଚଳ ହୋଇଥିବା ବେଳେ ଏଠାରେ ଲୋକଙ୍କର ମୌଳିକ ସମସ୍ୟା ସମାଧାନ ହୋଇପାରୁ ନାହିଁ ବୋଲି ଅଭିଯୋଗ ହେଉଛି।

୧୯୭୪ ମସିହାରେ ବାସୁଦେବପୁର ସହରକୁ ଏନ୍‌ଏସି ମାନ୍ୟତା ମିଳିଥିଲା। ୨୦୧୪ରେ ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି ଏନ୍‌ଏସିକୁ ପୌରପାଳିକାର ମାନ୍ୟତା ମିଳିଛି। ସହରର ୨୩ ୱାର୍ଡ ମଧରୁ ଅର୍ଦ୍ଧାଧିକ ୱାର୍ଡକୁ ସମ୍ପୂର୍ଣ୍ଣ ପାଇପ୍ ଲାଇନ ବିଛା ଯାଇଥିବା ବେଳେ ଅନ୍ୟ କେତେକ ୱାର୍ଡକୁ ଆଂଶିକ ଭାବେ ବିଛାଯାଇଛି। ମୋଟ ୧୫ ଶହ ପାଣି ପାଇପ୍ ଉପଭୋକ୍ତା ଥିବାବେଳେ ୨ ଜଣ ବ୍ୟବସାୟିକ ଉପଭୋକ୍ତା ଅଛନ୍ତି। ପୌରାଞ୍ଚଳରେ ପୂର୍ବରୁ ୩୫ କି.ମି. ପର୍ଯ୍ୟନ୍ତ ପାଣି ପାଇପ ବିଛାଯାଇ ପାନୀୟ ଜଳ ଯୋଗାଣ ହେଉଥିବା ବେଳେ ବର୍ତ୍ତମାନ ଏହା ୧୦୦ କି.ମି. ପର୍ଯ୍ୟନ୍ତ ଛୁଇଁବା ପାଇଁ ପିଏଚ୍‌ଡି ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ସହରାଞ୍ଚଳର ଲୋକସଂଖ୍ୟା ୨୦୧୧ ଜନଗଣନା ଅନୁସାରେ ୩୬ ହଜାର ୨୭ ଥିଲା। ବର୍ତ୍ତମାନ ଜନସଂଖ୍ୟାର ଅଭିବୃଦ୍ଧି ହେଉଥିବା ବେଳେ ଓଭରହେଡ ପାଣିଟାଙ୍କି ନ ଥିବାରୁ ସହରାଞ୍ଚଳ ଲୋକେ ଆବଶ୍ୟକ ପାନୀୟ ଜଳ ଠିକ୍ ଭାବେ ପାଇପାରୁନାହାନ୍ତି। ଘନ ଘନ ବିଜୁଳି କାଟ୍ ସହିତ ପ୍ରାକୃତିକ ବିପର୍ଯ୍ୟୟ ଝଡ଼ ସମୟରେ ୨ରୁ ୩ ଦିନ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଉଛି। ଏହି ସମୟରେ ସହରବାସୀ ପାଇପ୍ ଜଳ ପାଇପାରୁ ନାହାନ୍ତି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ଓ ସମ୍ପୃକ୍ତ ବିଭାଗର ଦୂରଦୃଷ୍ଟି ବିହୀନ ପଦକ୍ଷେପ ପାଇଁ ସହରାଞ୍ଚଳର ଲୋକେ ପାଇପ୍ ପାଣି ପାଇଁ ଟ୍ୟାଙ୍କ୍ ଭରୁଥିବା ବେଳେ ନିୟମିତ ପାନୀୟ ଜଳ ପାଇପାରୁନାହାନ୍ତି।

ଏ ସମ୍ପର୍କରେ ପିଏଚ୍‌ଡି ବିଭାଗର ଯନ୍ତ୍ରୀ ମଧୁସୂଦନ ସିଂଙ୍କୁ ପଚାରିବାରୁ ସହରାଞ୍ଚଳରେ ଲୋକସଂଖ୍ୟା ଓ ବିଦ୍ୟୁତ୍ ସମସ୍ୟା ଦୃଷ୍ଟିରୁ ଏକ ଓଭରହେଡ ପାଣିଟାଙ୍କି ଜରୁରୀ। ପଞ୍ଚଦଶ ଅର୍ଥ କମିଶନର ଆର୍ଥିକ ମଞ୍ଜୁରୀରେ ଏକ ଓଭରହେଡ ପାଣିଟାଙ୍କି ନିର୍ମାଣ ପାଇଁ ବିଭାଗର ପ୍ରସ୍ତାବ ଅଛି ବୋଲି ସେ କହିଛନ୍ତି। ବାସୁଦେବପୁର ଅଞ୍ଚଳର ବରିଷ୍ଠ ଖବରଦାତା ତଥା ସାମାଜିକ କର୍ମୀ କିଶୋର କୁମାର ମହାପାତ୍ର ଏହି ସହରାଞ୍ଚଳରେ ଓଭରହେଡ ପାଣିଟାଙ୍କି ଦୀର୍ଘବର୍ଷ ଧରି ନିର୍ମାଣ ନ ହେବା ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ବୋଲି କହିଛନ୍ତି। ଏ ଦିଗରେ ସରକାର ଓ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ସେ ଦାବି ରଖିଛନ୍ତି। ସେହିପରି ବରିଷ୍ଠ ସାମାଜିକ କର୍ମୀ ଡା. ସତ୍ୟେନ୍ଦ୍ର କୁମାର ପଟ୍ଟନାୟକ କହିଛନ୍ତି, ଏହି ସହରାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ପାନୀୟ ଜଳର ସଙ୍କଟ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରୁଛି। ଏହାର ନିରାକରଣ ପାଇଁ ତୁରନ୍ତ ଏକ ଓଭରହେଡ ପାଣିଟାଙ୍କି ନିର୍ମାଣ କରି ପାନୀୟ ଜଳ ଯୋଗାଣକୁ ଅଧିକ ତ୍ୱରାନ୍ୱିତ କରାଯାଇପାରିଲେ ପାଇପ ପାଣି ଉପଭୋକ୍ତା ଉପକୃତ ହୋଇପାରିବେ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି।

## ସଂକ୍ଷେପରେ

### ଜଳିଗଲା ୩ ବଖରା



ଖଇରା,୨୨।୨(ଡି.ଏନ.ଏ.)- ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଗୁଆପାଳ ବଣସାହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଚନ୍ଦ୍ରମଣି ନାଇକିଙ୍କର ୩ ବଖରା ଘର ପୋଡିଯାଇଛି। ଏଥିରେ ୩୦ହଜାର ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଯାଇଛି। ବିଦ୍ୟୁତ ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ଯୁବ ନେତା ବିଜୟ ବାରିକ ଦାବି କରିଛନ୍ତି।

### ୫୦ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ

**ବାଲିଆପାଳ, ୨୨।୨(ଡି.ଏନ.ଏ.):** ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ରାଇଢେଙ୍କଠାରେ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ଗୁରୁବାର ୫୦ ଜଣ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରାଯାଇଛି । ଭାଜପା ଖପରାପଦା ମଣ୍ଡଳ ସଭାପତି ସୁଧାଂଶୁ ତ୍ରିପାଠୀଙ୍କ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାହୁ, ଜାତୀୟ ପରିଷଦ ସଦସ୍ୟ ଶ୍ୟାମପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ବିଷୟରେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇବା ସହିତ ସମସ୍ତ ରାଶନକାର୍ଡ ଧାରୀମାନଙ୍କୁ ମାଗଣାରେ ରନ୍ଧନଗ୍ୟାସ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଏଥି ସହିତ କେନ୍ଦ୍ରର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣ ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ପ୍ରତିବନ୍ଧକ ସାଜୁଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା କ୍ଷୀତିଶ କୁମାର ଜେନା, ଘଣ୍ଟୁଆ ପଞ୍ଚାୟତ ପ୍ରମୁଖ ସୁରମାଧବ ଦାସ, ୱାର୍ଡ ସଭାପତି ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଶ୍ରୀ ଜଗନ୍ନାଥଙ୍କର ୩୨ ବେଶ, ଦଶ ଅବତାର ଉଦ୍‌ଯାପିତ



**ବାଲିଆପାଳ, ୨୨।୨(ଡି.ଏନ.ଏ.):** ଚକାଆଖି ପୂଜା ସଂସଦ ଘଣ୍ଟୁଆ ଆନୁକୂଲ୍ୟରେ ଅନୁଷ୍ଠାନର ୨୭ତମ ସରସ୍ୱତୀ ପୂଜା ଉପଲକ୍ଷେ ଗତ ୧୪ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ମହାପ୍ରଭୁ ଜଗନ୍ନାଥଙ୍କ ୩୨ବେଶ ଓ ବିଷ୍ଣୁଙ୍କର ଦଶଅବତାର ପୂଜା ଉତ୍ସବ ଯଥାବିଧି ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରତିଦିନ ପୂଜା ଅର୍ଚ୍ଚନା, ନାମ ସଂକୀର୍ତ୍ତନ, ଯଜ୍ଞକାର୍ଯ୍ୟ, ଆରତୀ, ପ୍ରବଚନ ତଥା ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମକୁ ହଜାର ହଜାର ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ସୁଶୋଭିତ ତୋରଣ, ଉଜ୍ଜଳ ଆଲୋକ ବ୍ୟବସ୍ଥା, ଦର୍ଶକମାନଙ୍କର ବିଶେଷ ଆର୍କଷଣ ଥିଲା। ପ୍ରଭୁଙ୍କର ସମସ୍ତ ବେଶ ସମୁଦ୍ରରେ ସଲିଳ ସମାଧି ନିମନ୍ତେ ଡଗରା ବେଳାଭୂମି ଉଦ୍ଦେଶ୍ୟରେ ବିରାଟ ପଟୁଆର ସହିତ ଯାତ୍ରା କରିଥିଲା। ଏହି ସମୟରେ ଶହ ଶହ ଶ୍ରଦ୍ଧାଳୁ ଓ ଭକ୍ତ ହରିବଲ୍ ଓ ଶଙ୍ଖ ଧ୍ୱନି ଦେବା ସହିତ ଅଶ୍ରୁପୂର୍ଣ୍ଣ ନୟନରେ ବିଦାୟ ଜଣାଇଥିଲେ।

## ଆଞ୍ଚଳିକ ହସ୍ତଶିଳ୍ପ ସମ୍ବେଦୀକରଣ କର୍ମଶାଳା

# ୩ ଜିଲ୍ଲାରୁ ୧୮୦ କାରିଗର ସାମିଲ

### ୮ କାରିଗର ସମ୍ମାନିତ

**ବାଲେଶ୍ୱର ଅଫିସ,୨୨।୨**

ହସ୍ତ ଓ କୁଟୀରଶିଳ୍ପ ବିଭାଗ ଦ୍ୱାରା ଜିଲା ଶିଳ୍ପକେନ୍ଦ୍ର ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଆତ୍ମନିଯୁକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କାରିଗରମାନଙ୍କୁ ଉନ୍ନତ ଜ୍ଞାନକୌଶଳ ପ୍ରଦାନ ନିମନ୍ତେ ଆଞ୍ଚଳିକ ହସ୍ତଶିଳ୍ପ ସମ୍ବେଦୀକରଣ କର୍ମଶାଳା ବାଲେଶ୍ୱର ଉଦ୍ୟୋଗଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାର ୧୮୦ କାରିଗର ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ରାଫ୍ଟରେ ୮ଜଣ ଅଗ୍ରଣୀ କାରିଗରଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା।

କର୍ମଶାଳାକୁ ଓଡ଼ିଶା ସରକାରଙ୍କ ହସ୍ତ ଓ କୁଟୀରଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରକାର ହସ୍ତଶିଳ୍ପ କାରିଗରଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟକାରୀ କରୁଥିବା ଏବଂ ହେବାକୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି ହସ୍ତଶିଳ୍ପକୁ ପାଥେୟ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ଘାଟନୀ ସଭାରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ହରିହର ଜେନା ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଶିଳ୍ପପତି ହିମାଂଶୁ ଦାସ ଅତିଥି ଭାବେ ଯୋଗଦେଇ ଏଭଳି କର୍ମଶାଳା ମାଧ୍ୟମରେ ରାଜ୍ୟର ହସ୍ତଶିଳ୍ପ କ୍ଷେତ୍ରରେ ଭବିଷ୍ୟତରେ ଯଥେଷ୍ଟ ଉନ୍ନତି କରିପାରିବ ବୋଲି ଆଶାପ୍ରକଟ କରିଥିଲେ। ଭଦ୍ରକ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ପୀତାମ୍ବର ପରିଡ଼ା ହସ୍ତଶିଳ୍ପର ସ୍ଥିତି ଓ ପ୍ରଗତି ସମ୍ପର୍କରେ ସୂଚନା ଦେଇ ଅଧିକରୁ ଅଧିକ ଯୁବତୀଯୁବକ ଏହି କ୍ଷେତ୍ରକୁ ଆସିପାରିବାର ଭିତ୍ତିଭୂମି ରହିଥିବା ଜଣାଇଥିଲେ। ହସ୍ତଶିଳ୍ପ ବିକାଶ ପରିଷଦର ସଭ୍ୟ ପ୍ରିୟରଞ୍ଜନ କର, କଳ୍ପନା ଜେନା, ଅଗ୍ରଣୀ ବ୍ୟାଙ୍କର ଜିଲା ପରିଚାଳକ ସୁଦୀପ ଡାକୁଆ, ଓଡ଼ିଶା ଶିଳ୍ପ ମହାସଂଘର ସଭାପତି ଉଦୟ ମହାନ୍ତି, ଓରମାକ୍ସର ସହ ନିର୍ଦ୍ଦେଶକ ଜେ.କେ. ବିଶ୍ୱାଳ, ମୟୂରଭଞ୍ଜ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପ୍ରେମଚାନ୍ଦ ବେହେରା ଅତିଥି ଭାବେ ଉପସ୍ଥିତ ରହି ହସ୍ତଶିଳ୍ପୀମାନଙ୍କର ବିଭିନ୍ନ ସୁବିଧା, ଅସୁବିଧା ଏବଂ ବ୍ୟାଙ୍କ ଋଣ ପ୍ରଦାନ କ୍ଷେତ୍ରରେ ଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଫୋକସ୍ କ୍ରାଫ୍ଟ, ପ୍ରସ୍ତର ଖୋଦେଇ କାରୁକାର୍ଯ୍ୟରେ ଜାତୀୟସ୍ତରୀୟ ପୁରସ୍କାରପ୍ରାପ୍ତ ଗୋଲକ ପାତ୍ର ପ୍ରସ୍ତର ଶିଳ୍ପର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଓଡ଼ିଶା ଶିଳ୍ପୀମାନଙ୍କ ଅବଦାନ ଓ ଉତ୍ପାଦନର ଅନ୍ତର୍ଜାତୀୟ ବଜାରରେ ଚାହିଦା ଉପରେ ବିବରଣୀ ପ୍ରଦାନ କରିଥିଲେ।




ହସ୍ତଶିଳ୍ପ କର୍ମଶାଳାରେ ଉପସ୍ଥିତ ଅତିଥିଗଣ।

# ନ୍ୟାୟ ଅପେକ୍ଷାରେ ଯବାନ

**ଖଇରା, ୨୨।୨(ଡି.ଏନ.ଏ.)**

ଖଇରା ଥାନା ବର୍ତ୍ତନା ବଜାରରେ ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଜଣେ ଯବାନ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ଗୋଟିଏ ପକ୍ଷର ତୁମ୍ବାପଦି ଗ୍ରାମର ସମ୍ପୃକ୍ତ ଯବାନ ଅମୂଲ୍ୟ ରଞ୍ଜନ ବିନ୍ଧାଣୀ ଓ ତାଙ୍କର ପିତା ଅନନ୍ତ କିଶୋର ବିନ୍ଧାଣି ଖଇରା ଥାନାରେ ଲିଖିତ ଅଭିଯୋଗ କରିବା ସହ ନ୍ୟାୟ ପାଇଁ ଗୃହ ମନ୍ତ୍ରଣାଳୟ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ପ୍ରତିରକ୍ଷା ମନ୍ତ୍ରଣାଳୟ, ରାଷ୍ଟ୍ରପତି, ଜିଲା ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୩ ଦିନ ବିତିଯାଇଥିଲେ ହେଁ ତାଙ୍କୁ ନ୍ୟାୟ ମିଳୁ ନ ଥିବା ସେ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ ସ୍ଥଳବାହିନୀରେ କାର୍ଯ୍ୟରତ ଅମୂଲ୍ୟଙ୍କର ନାଗପୁରରୁ ଜମ୍ମୁକାଶ୍ମୀରର ଉଦ୍ଧାମପୁରକୁ ବଦଳି ହୋଇଥିଲା। ସେ ଛୁଟିରେ ଘରକୁ ଆସିଥିଲେ। ସୋମବାର ସନ୍ଧ୍ୟାରେ ବର୍ତ୍ତନା ବଜାରରେ କ୍ୟାଣ୍ଡେଲ ଶୋଭାଯାତ୍ରା ଚାଲିଥିବା ବେଳେ କେତେକ ଲୋକ ପାକିସ୍ତାନ ଜିନ୍ଦାବାଦ ଓ ଇମ୍ରାନ ଖାଁ ଜିନ୍ଦାବାଦ କହିଥିଲେ। ସେ ଏବଂ ତାଙ୍କର ପରିବାର ଲୋକ ଏହାର ପ୍ରତିବାଦ କରିବା ସହ ପାଟିତୁଣ୍ଡ କରିଥିଲେ। ପରେ ସେ ଓ ତାଙ୍କ ବାପା, ୨ଭାଇ ଘରକୁ ପଳାଇଯାଉଥିବା ବେଳେ କେତେକ ବ୍ୟକ୍ତି ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏହାସହ ସେମାନେ ଅମୂଲ୍ୟଙ୍କ ମୋବାଇଲ ଏବଂ ଏକ ସୁନା ଚେନକୁ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ମୁକ୍ତିକାନ୍ତ ସ୍ୱାଇଁଙ୍କ କହିବା ଅନୁଯାୟୀ ନିଜେ ଅମୂଲ୍ୟ ପାକିସ୍ଥାନ ଜିନ୍ଦାବାଦ୍ ବୋଲି କହିବା ପରେ ଉପସ୍ଥିତ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ସରପଞ୍ଚ ମାଇକ୍‌ରେ କିଛି କହିବାକୁ ଆରମ୍ଭ କରିବା ମାତ୍ରେ ଯବାନ ଜଣକ ମାଇକ୍ ବନ୍ଦ କରିଦେବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଠେଲାପେଲାରେ ରଘୁନାଥ ମହାନ୍ତି ନାମକ ବ୍ୟକ୍ତି ମଧ୍ୟ ଆହତ ହୋଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ଯବାନକୁ ନ୍ୟାୟ ପ୍ରଦାନ ପାଇଁ ଗୁରୁବାର ସନ୍ଧ୍ୟାରେ ଭାଜପା ରାଜ୍ୟ ଉପସଭାପତି ପ୍ରତାପ ଷଡ଼ଙ୍ଗୀ ଓ ଲେଖାଶ୍ରୀ ସାମନ୍ତ ସିଂହାର ଖଇରା ଥାନା ଆଇଆଇସିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଯବାନଙ୍କ ବିରୋଧରେ ୩ଟି ଲିଖିତ ଅଭିଯୋଗ ଓ ଏଥିମଧ୍ୟରୁ ଗୋଟିଏ ଏସ୍‌ସି/ଏସ୍‌ଟି ସହ ଜଡ଼ିତ ଥିବା କଥା ଶୁଣିବା ପରେ ଯବାନଙ୍କ ନ୍ୟାୟ ଆଶା ମଉଳିଗଲାଣି।




ଭୋଗରାଇ ବ୍ଲକ ପରିସରରେ କଂଗ୍ରେସ କର୍ମୀଙ୍କ ଆମରଣ ଅନଶନ।

# କଂଗ୍ରେସର ଆମରଣ ଅନଶନ

**ଭୋଗରାଇ, ୨୨।୨(ଡି.ଏନ.ଏ.)**

### ସ୍ଥିତି ଉତ୍ତେଜନାପୂର୍ଣ୍ଣ

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ଭତ୍ତା, ରାଶନକାର୍ଡ଼ ଅନିୟମିତତା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଆମରଣ ଅନଶନ ଆରମ୍ଭ ହୋଇଛି। ଭୋଗରାଇ ନିର୍ବାଚନମଣ୍ଡଳୀର ଗତ ବିଧାନସଭା କଂଗ୍ରେସ ଦଳ ପ୍ରାର୍ଥୀ ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଓ ନେତାମାନେ ଏହି ଅନଶନରେ ସାମିଲ ହୋଇଛନ୍ତି। ବାରମ୍ବାର କଂଗ୍ରେସ ପକ୍ଷରୁ ବିଡିଓ ନିକଟରେ ଅଭିଯୋଗ ହୋଇଆସୁଥିବା ବେଳେ ସେଥିପ୍ରତି ଧ୍ୟାନ ଦିଆ ନ ଯିବାରୁ ବୋଲି ନେତାମାନେ ପ୍ରକାଶ କରିଛନ୍ତି।

କଂଗ୍ରେସ ନେତା ଆଶିଷ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର, ଦୀପେଶ ଚନ୍ଦ୍ର ରାୟ, ସୁମନ୍ତ ବେହେରା, ମୀନାରାଣୀ ସୁର ପ୍ରମୁଖଙ୍କ ନେତୃତ୍ୱରେ କଂଗ୍ରେସ ସରପଞ୍ଚ, ସମିତିସଭ୍ୟ, ୬ ଟି ଜୋନ୍‌ର ସଭାପତି ଓ ଛାମୁଆନେତାମାନେ ଅନଶନରେ ସାମିଲ ହୋଇଛନ୍ତି। କଂଗ୍ରେସ ନେତାମାନେ ସେମାନଙ୍କର ଦାବି ପୂରଣ ନ ହେଲେ ଆମରଣ ଅନଶନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଅଡ଼ି ବସିଛନ୍ତି। ଭୋଗରାଇ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ ଅନଶନକାରୀଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ଖବର ଲେଖାକୁ ସମାଧାନର ସୂତ୍ର ବାହାରି ନାହିଁ। ଅପରପକ୍ଷରେ ଏହି ଅନଶନକୁ ଶକ୍ତିଶାଳୀ କରିବାକୁ ଭୋଗରାଇର ୫୦ ପଞ୍ଚାୟତର କଂଗ୍ରେସ କର୍ମୀ ଓ ନେତାଙ୍କୁ ଖବର ଦିଆଯାଇଛି ବୋଲି ସୂଚନା ମିଳିଛି। ଭୋଗରାଇ ପୋଲିସ ଘଟଣାସ୍ଥଳକୁ ଜଗି ରହିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନଶନକାରୀଙ୍କ ସ୍ୱାସ୍ଥ୍ୟବସ୍ଥାର ଚିକିତ୍ସା ପ୍ରତିଧ୍ୟାନ ଦିଆଯାଉଛି ବୋଲି ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା କହିଛନ୍ତି। ସନ୍ଧ୍ୟାରୁ କଂଗ୍ରେସ କର୍ମୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବାରୁ ପ୍ରଶାସନକୁ ଚିନ୍ତା ଘାରିଛି।

# ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟଲାଇଟ୍ ଶୁଭାରମ୍ଭ

**ବାଲେଶ୍ୱର ଅଫିସ,୨୨।୨**

ବାଲେଶ୍ୱର ପୌରପାଳିକାସ୍ଥିତ ଓଟିରୋଡ୍ ତେଲେଙ୍ଗାସାହି ଛକରେ ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ ଶୁକ୍ରବାର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ପୌରାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ନ ଥିବା ୧୩ଟି ରାସ୍ତାରେ ଏଲ୍‌ଇଡ଼ି ବିଦ୍ୟୁତୀକରଣ କରାଯିବାର ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲାପାଳ ରମେଶ ଚନ୍ଦ୍ର ରାଉତ, ପୌରପାଳିକା ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ମଲ୍ଲିକ, ପୂର୍ବତନ ଚେୟାରମ୍ୟାନ୍ ଆଲୋକ ସାହୁ, ପୂର୍ବତନ କାଉନ୍‌ସିଲର ମନୋଜ ରାଉତ ଓ ସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ

**ସୋର, ୨୨।୨(ଡି.ଏନ.ଏ.):** ସୋର ବ୍ଲକ ତଳନଗର ପଞ୍ଚାୟତର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ବଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଜନହିତ କାର୍ଯ୍ୟକ୍ରମକୁ କର୍ମୀଙ୍କଠାରେ ଉପସ୍ଥାପନ କରାଯାଇଥିଲା। ଏହି ସମ୍ମିଳନୀରେ ପ୍ରଦୀପ ମିଶ୍ର, ବୁଦ୍ଧିରାମ ବେହେରା, ଗୌରହରି ଜେନା, ଗଙ୍ଗାଧର ମାହାନା, ଗିରିଧାରୀ ବେହେରା, ଅବନର ବିଶ୍ୱାଳ ଓ ପୂର୍ବତନ ବ୍ଲକ ଅଧକ୍ଷା ରଞ୍ଜିତା ଯେନା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏମ୍‌ପି ଉଦ୍‌ବୋଧନ ଦେଉଛନ୍ତି।

# ଚାଷୀଙ୍କ ସ୍ୱାର୍ଥ ରକ୍ଷା କରୁଛି 'କାଳିଆ' ଯୋଜନା

**ବାଲେଶ୍ୱର ଅଫିସ, ୨୨।୨**

ଚାଷୀମାନଙ୍କ ପାଇଁ ରାଜ୍ୟ ସରକାର କରିଥିବା 'କାଳିଆ' ଯୋଜନା ଶ୍ରେଷ୍ଠ ଯୋଜନା। ଯେଉଁଥିପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ବଳିଷ୍ଠ ପଦକ୍ଷେପ ନେଇଛନ୍ତି। ଏପରିକି କେନ୍ଦ୍ରସରକାରଙ୍କ କିଷାନ ଯୋଜନାରେ ଭୂମିହୀନ ଚାଷୀ, ଭାଗ ଚାଷୀ ଓ କୃଷି ଶ୍ରମିକମାନଙ୍କୁ ବଞ୍ଚିତ କରାଯାଉଥିବା ବେଳେ 'କାଳିଆ' ଯୋଜନାରେ ସମସ୍ତଙ୍କୁ ସାମିଲ କରାଯାଇଛି ବୋଲି ବାଲେଶ୍ୱର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ରାଜ୍ୟସରକାର କୃଷିର ଅର୍ଥନୀତିକୁ ସମୃଦ୍ଧ କରି ଗରିବ ଦୂରୀକରଣ ଏବଂ ଚାଷୀର ଆର୍ଥିକ ଅବସ୍ଥା ଉନ୍ନତି କରିବା ପାଇଁ 'କାଳିଆ' ଭଳି ଏକ ବୃହତ୍ତମ ଯୋଜନା ପ୍ରଣୟନ କରିଛନ୍ତି। ଇତିମଧ୍ୟରେ ରାଜ୍ୟସରକାର ୧୪ଲକ୍ଷ ଚାଷୀଙ୍କୁ ୭ଶହ କୋଟି ଟଙ୍କା ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। କେନ୍ଦ୍ର ସରକାର ଚାଷୀଙ୍କୁ ୬ହଜାର ଟଙ୍କା ଘୋଷଣା କରିଛନ୍ତି। ତାକୁ ଅନ୍ୟୁନ ୧୦ହଜାର ଟଙ୍କା କରିବାକୁ ମୁଖ୍ୟମନ୍ତ୍ରୀଙ୍କର ପ୍ରସ୍ତାବକୁ ଏମ୍‌ପି ଜେନା ସ୍ୱାଗତ କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ କିଛି ସଙ୍ଗଠନ ଚାଷୀମାନଙ୍କୁ ନିଜର ନ୍ୟସ୍ତ ରାଜନୈତିକ ସ୍ୱାର୍ଥ ଉଦ୍ଦେଶ୍ୟରେ ଏହି ଯୋଜନାରୁ ଦୂରେଇ ରଖିବା ପାଇଁ ପ୍ରୟାସ କରୁଥିବାରୁ ସେ ନିନ୍ଦା କରିଛନ୍ତି। ଗୁରୁବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ବିଫଳ ହେବା ପରେ ରାଜ୍ୟର କୃଷକମାନଙ୍କ ପାଇଁ 'କାଳିଆ' ଯୋଜନା କେତେ ଫଳପ୍ରଦ ତାହା ଅନୁମାନ କରାଯାଇପାରେ ବୋଲି ପ୍ରକାଶ କରିଛନ୍ତି। ଏହି ଯୋଜନାକୁ ସଠିକ୍ ଭାବେ ବୁଝାଇ ଚାଷୀମାନଙ୍କୁ ଉପକୃତ କରାଇବା ସହ ଯୋଜନାର ସଫଳ ରୂପାୟନ କାମନା କରି 'କାଳିଆ' ଯୋଜନା କ'ଣ ? କିପରିଭାବରେ ଏହା ଲୋକାଭିମୁଖୀ ହୋଇପାରିବ ବୋଲି ସହଯୋଗ କାମନା କରିଛନ୍ତି। ଖବରଦାତା ସମ୍ମିଳନୀରେ ବ୍ରିଟ୍ ଅଧକ୍ଷ ଗୌରୀ ରାଉତ, ପର୍ଯ୍ୟବେକ୍ଷକ ଅଜୟ ନାୟକ, ଜିଲା କୃଷକ ସେଲ୍ ସଭାପତି ଅଜୟ ସାମଲ, ଟାଉନ୍ ବିଜେଡି ସଭାପତି ସ୍ୱରୂପ ଦାସ, ଯୁବନେତା ଭୁବନାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରବୋଧ ଚିନ୍ତାଧାରା ଜାଗ୍ରତ ପାଇଁ ଆହ୍ୱାନ

**ଖଇରା, ୨୨।୨(ଡି.ଏନ.ଏ.)**

ସ୍ଥାନୀୟ ଖଇରା ନଟାପଡାସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଚତୁର୍ଦ୍ଦଶତମ ବାର୍ଷୀକ ଉତ୍ସବ ଦିବସବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭାରେ ରାଜେନ୍ଦ୍ର ନାୟକ ଓ ବୁଦ୍ଧିରାମ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ସଭାରେ ରାଧାକାନ୍ତ ପାତ୍ର ସଭାପତିତ୍ୱ କରିଥିଲେ। ଏବିଇଓ ସୁଦର୍ଶନ ରାଉତ ମୁଖ୍ୟଅତିଥି, ଅଧ୍ୟାପକ ଶିବପ୍ରସାଦ ଖାମୁରାଇ ମୁଖ୍ୟବକ୍ତା, ସୋର ସଂକୁଳ ପ୍ରମୁଖ ଅଶୋକ ରଞ୍ଜନ ପଲେଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ ଶିକ୍ଷାସହ ରାଷ୍ଟ୍ରବୋଧ ଜାଗ୍ରତ ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ଅକ୍ଷୟ କୁମାର ବାରିକ ବିବରଣୀ ପାଠ ଓ ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜନ କରିଥିବା ସାଇସ୍ମିତା ପୃଷ୍ଟି, ଓମ୍‌ପ୍ରକାଶ ସାହୁ, ହରପ୍ରିୟା ନାୟକ, ସାୟଂ ପୂର୍ଣ୍ଣ୍ୟଶ୍ଲୋକ ପଣ୍ଡାଙ୍କ ସମେତ ୨୭୩ଜଣ ପିଲାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।



ପଡ଼ିଆରେ ଅନୁଷ୍ଠିତ ମ୍ୟାଚ୍ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ଆୟନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ପ୍ରଦାନ।

## ସର୍ବଭାରତୀୟ ରାୟସାହେବ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲ୍‌ରେ 'ହରିପ୍ଲାଷ୍ଟ ବାଲେଶ୍ୱର'

**ବାଲେଶ୍ୱର ଅଫିସ, ୨୨।୨**

### ଆୟନ ରାୟ ପ୍ଲେୟର ଅଫ୍ ଦି ମ୍ୟାଚ୍

ବାଲେଶ୍ୱର ଜିଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପରମିଟ ପଡ଼ିଆରେ ସର୍ବଭାରତୀୟ ରାୟସାହେବ ପ୍ରଫୁଲ୍ଲ ଚନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହରିପ୍ଲାଷ୍ଟ ବାଲେଶ୍ୱର ଓ ମିଦିନାପୁର ସୁବାଷ କର୍ଣ୍ଣର ମଧ୍ୟରେ ହୋଇଥିଲା। ହରିପ୍ଲାଷ୍ଟ ବାଲେଶ୍ୱର ୨-୧ରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ହରିପ୍ଲାଷ୍ଟ ବାଲେଶ୍ୱର ଦଳର ଆୟନ ରାୟ ଶ୍ରେଷ୍ଠ ଖେଳାଳି ଭାବରେ ପ୍ଲେୟର ଅଫ୍ ଦି ମ୍ୟାଚ୍‌ରେ ସମ୍ମାନିତ କରାଯାଇଥିଲା।

ଶୁକ୍ରବାର ଅପରାହ୍ନରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ହରିପ୍ଲାଷ୍ଟ ବାଲେଶ୍ୱର ଓ ମିଦିନାପୁର ସୁବାଷ କର୍ଣ୍ଣର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ହରିପ୍ଲାଷ୍ଟ ବାଲେଶ୍ୱର ଦଳର ଭରତ ମୁଣ୍ଡା ଓ ପିଣ୍ଟୁ ବେହେରା ଉଭୟ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ମିଦିନାପୁର ସୁବାଷ କର୍ଣ୍ଣର ଦଳର ଛଟୁ ପାତ୍ର ଗୋଟିଏ ଗୋଲ୍ ଦେଇଥିଲେ। ଶେଷରେ ହରିପ୍ଲାଷ୍ଟ ବାଲେଶ୍ୱର ଦଳ ୨-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଅତିଥି ଭାବରେ ଶିଳ୍ପପତି ହିମାଂଶୁ ଦାସ, ମେଗୋନମ ଏକ୍ସପୋର୍ଟ ପ୍ରାଇଭେଟ ଲିମିଟେଡ଼ ନିର୍ଦ୍ଦେଶକ ପ୍ରକାଶ କୁମାର ମହାନ୍ତି, ସଞ୍ଜୟ କୁମାର, ବିଜୟ କୁମାର ପାଣି ଯୋଗଦେଇ ଖେଳାଳି ମାନଙ୍କ ସହିତ ପଡ଼ିଆରେ କରମର୍ଦ୍ଦନ ପରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଖେଳ ଶେଷ ପରେ ଅତିଥିମାନେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଆୟନଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସଙ୍ଗଠନ ସମ୍ପାଦକ ସଂଗ୍ରାମ ଦାସ, ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଧିପ ଦାଶ, ସହ-ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପ-ସଭାପତି ହରମୋହନ ଦାସ, ସୁକାନ୍ତ ନାୟକ, ଯୁଗ୍ମ-ସମ୍ପାଦକ ନିମାଇ ଚରଣ ରାଉତରାୟ, କାର୍ତ୍ତିକ ନାୟକ, ସଞ୍ଜୟ ଲେଙ୍କା, ଜଗଦିଶ ବେହେରା, ତରୁଣ ଚାଟାର୍ଜୀ, କୋଷାଧ୍ୟକ୍ଷ ଅମର କୁମାର ମହାନ୍ତି, ପ୍ରଦୀପ କୁମାର ଦାସ, ସାଦିକ ଅଲ୍ଲି ଖାଁ, ଚିତ୍ତରଞ୍ଜନ ପାଶା, ତପନ ଚକ୍ରବର୍ତ୍ତୀ, ସୁରଜିତ ମହାପାତ୍ର ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଖେଳକୁ ସୁଜିତ କୁମାର ପାତ୍ର, ଅରୁଣ କୁମାର ନାୟକ, ପ୍ରଦିପ କୁମାର ଦାସ ଓ କାର୍ତ୍ତିକ ଚନ୍ଦ୍ର ନାୟକ ପରିଚାଳନା କରିଥିଲେ। ଶନିବାର ଦ୍ୱିତୀୟ ସେମିଫାଇନାଲ ଖେଳ ବାରିପଦା କ୍ରୀଡ଼ା ଛାତ୍ରାବାସ ଓ ଆରପିଏଫ୍ ଦକ୍ଷିଣ ପୂର୍ବ ରେଳବାଇ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

## ସଂକ୍ଷେପରେ

### ଆଇପିଏଲ-୧୨ ଉଦ୍‌ଘାଟନୀ ଉତ୍ସବ ହେବନି

ନୂଆଦିଲ୍ଲୀ,୨୨।୨(ପିଟି): ଆଇପିଏଲର ୧୨ତମ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ଆୟୋଜନ କରାଯିବ ନାହିଁ। ଏ ନେଇ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି ସିଓଏ ଶୁକ୍ରବାର ନିଷ୍ପତ୍ତି ନେଇଛି। ଉତ୍ସବ ଲାଗି ଖର୍ଚ୍ଚ ହେବାକୁ ଥିବା ଅର୍ଥରାଶି ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆରପିଏଫ୍ ଯବାନଙ୍କ ପରିବାରକୁ ଦିଆଯିବ। ବିଶ୍ୱର ବିତ୍ତଶାଳୀ କ୍ରିକେଟ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ ସର୍ବଦା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯାଏ। ଯେଉଁଥିରେ ବଲିଉଡ୍ ଷ୍ଟାରଙ୍କୁ ପରଫର୍ମ କରୁଥିବାର ଦେଖିବାକୁ ମିଳେ। କିନ୍ତୁ ସିଆରପିଏଫ୍ ଯବାନଙ୍କ ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲର ଦ୍ୱାଦଶ ସିଜନର ପ୍ରଥମ ଦିନ ତଥା ମାର୍ଚ୍ଚ ୨୩ ତାରିଖରେ କୌଣସି ଉଦ୍‌ଘାଟନୀ ଆୟୋଜିତ କରାଯିବ ନାହିଁ। ଏହି ଇଭେଣ୍ଟ ଲାଗି ବଜେଟ ହୋଇଥିବା ଅର୍ଥରାଶି ଯବାନଙ୍କ ପରିବାରକୁ ଦିଆଯିବ ବୋଲି ସିଓଏ ଅଧ୍ୟକ୍ଷ ବିନୋଦ ରାଇ କହିଛନ୍ତି। ଉଲ୍ଲେଖଥାଉ କି, ଗତ ସପ୍ତାହରେ ଜମ୍ମୁ କଶ୍ମୀର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ୪୯ ଜଣ ସିଆରପିଏଫ୍ ଯବାନ ଶହୀଦ ହୋଇଥିଲେ। ଶହୀଦଙ୍କ ପରିବାର ସହାୟତା ଲାଗି ଦେଶର ବହୁ କ୍ରୀଡ଼ାବିତ ଆଗେଇ ଆସିଥିଲେ।

### ଜୟଦୀପଙ୍କ ପରଲୋକ



କଟକ ଅଫିସ, ୨୨।୨: ଓଡ଼ିଶାର ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜୟଦୀପ ବୋଷଙ୍କର ଶୁକ୍ରବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୧ବର୍ଷ ବୟସ ହୋଇଥିଲା । କିଛି ଦିନ ହେବ ତାଙ୍କ ଦେହ ଅସୁସ୍ଥ ଥିବା ବେଳେ ଶୁକ୍ରବାର ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜୟଦୀପ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫିରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ଘର କଟକର ଚୌଧୁରୀବଜାର ଅଞ୍ଚଳରେ । ଜୟଦୀପଙ୍କ ମୃତ୍ୟୁ ଖବର ପାଇ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ)ର ସମସ୍ତ ସଦସ୍ୟ, ଫୁଟବଲ ଖେଳାଳି, କ୍ଲବ ମାଲିକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ଜଣାଇଥିଲେ । ଫାଓ ସମ୍ପାଦକ ସଞ୍ଜୟ ବେହେରା ଶୋକ ପ୍ରକାଶ କରିଛନ୍ତି ।

### ୯ ରନ୍‌ରେ ଅଲଆଉଟ୍

ନୂଆଦିଲ୍ଲୀ,୨୨।୨- ନିକଟରେ ୟୁଏଇ ବିପକ୍ଷ ଏକ ଟି୨୦ ମ୍ୟାଚ୍‌ରେ ଚାଇନା ୧୪ ରନ୍‌ରେ ଅଲଆଉଟ୍ ହୋଇ କ୍ରିକେଟର ଛୋଟିଆ ଫର୍ମାଟ ଇତିହାସର ସବୁଠୁ କମ୍ ଦଳଗତ ସ୍କୋର କରିଥିଲା। ହେଲେ ଏହି ଅଲୋଡ଼ା ରେକର୍ଡକୁ ପଛରେ ପକାଇ ଦେଇଛି ମିଜୋରାମ ମହିଳା ଦଳ। ଚଳିତ ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟରେ ମଧ୍ୟପ୍ରଦେଶ ମ୍ୟାଚ୍‌ରେ ମିଜୋରାମ ମାତ୍ର ୯ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ଦଳର ୯ ଜଣ ବ୍ୟାଟ୍ସୱମ୍ୟାନ ଖାତା ଖୋଲିପାରି ନ ଥିଲେ। ଏହି ମ୍ୟାଚ୍‌ର ଫଳାଫଳ ମାତ୍ର ୧୪.୫ ଓଭରରେ ବହାରିଥିଲା। ବିଜୟୀ ଦଳ ପାଇଁ ତରଙ୍ଗ ଝା ଚମତ୍କାର ବୋଲିଂ କରିଥିଲେ। ସେ ବୋଲିଂ କରିଥିବା ୨୪ ବଲ ମଧ୍ୟରୁ ୨୩ ଡଟ୍ ବଲ ଥିଲା ଓ ୪ ଉଇକେଟ ମଧ୍ୟ ହାତେଇଥିଲେ। ତାଙ୍କ ଯୋଗୁ ମିଜୋରାମ ୫ ଓଭର ସୁଦ୍ଧା ୫ ଉଇକେଟ ହରାଇ ୨ ରନ୍ କରିଥିଲା। ଅପୂର୍ବା ଭରଦ୍ୱାଜ ୨୫ବଲର ସମ୍ମୁଖୀନ ହୋଇ ୬ ରନ୍ କରିଥିଲେ। ଦଳ ପାଇଁ ସେ ଏକମାତ୍ର ବ୍ୟାଟ୍ସୱମ୍ୟାନ ଭାବେ ସ୍କୋର କରିଥିଲେ। କିନ୍ତୁ ସେ ବୋଲିଂ କରୁଥିବାବେଳେ ୫ ୱାଇଡ୍ ବଲ ପକାଇଥିଲେ। ଫଳରେ ମଧ୍ୟପ୍ରଦେଶ ଦଳ ପ୍ରଥମ ଓଭରରେ ହିଁ ମ୍ୟାଚ୍ ଜିତି ନେଇଥିଲା।

### ସାଇ-ରାଇଜିଂ ଷ୍ଟୁଡେଣ୍ଟ ମ୍ୟାଚ ଡ୍ର

କଟକ ଅଫିସ, ୨୨।୨- ବିଡ଼ାନାସୀ ଗ୍ରାଉଣ୍ଡରେ ଶୁକ୍ରବାର ଫାଓ ମହିଳା ଲିଗର ସାଇ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିଛି । ସାଇ ପକ୍ଷରୁ ନିକିତା ବିଶି ପ୍ରଥମାର୍ଦ୍ଧର ୨୮ତମ ମିନିଟରେ ଗୋଲ ସ୍କୋର କରିଥିଲେ । ଦ୍ୱିତୀୟାର୍ଦ୍ଧରେ ୫୦ତମ ମିନିଟରେ ରାଇଜିଂ ଷ୍ଟୁଡେଣ୍ଟର ସୁଭଦ୍ରା ସାହୁ ଏକ ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ପରେ କୌଣସି ଗୋଲ ନହେବା ଯୋଗୁଁ ମ୍ୟାଚ୍ ଅମୀମାଂଶିତ ରହିଥିଲା ।

---



> ପୁଲୱାମା ଆକ୍ରମଣ ଘଟଣା ପରେ କ୍ରିକେଟ ଟାର୍ଗେଟର ଶିକାର ହୋଇଛି। ବିଶ୍ୱକପ୍‌ରେ ଭାରତ–ପାକିସ୍ତାନ ମୁକାବିଲା ଏବେ ଅନିଶ୍ଚିତତାରେ ।
> – ସର୍ଫରାଜ ଅହମ୍ମଦ, ପାକିସ୍ତାନ କ୍ରିକେଟ ଅଧିନାୟକ



> ଇଂଲଣ୍ଡରେ ଖେଳାଯିବାକୁଥିବା ଆଇସିସି ବିଶ୍ୱକପ୍‌ରେ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।
> – ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ

# ଭାରତ ଉପରେ ଆଇଓସି କ୍ଷୁବ୍ଧ

ଲାଉସାନେ/ ନୂଆଦିଲ୍ଲୀ,୨୨।୨(ପି.ଟି.)

ନୂଆଦିଲ୍ଲୀ ଶୁଟିଂ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ପାଇଁ ପାକିସ୍ତାନ ଶୁଟରମାନଙ୍କୁ ଭିଜା ଦେବାକୁ ଭାରତ ମନା କରିଦେବା ପରେ ଆନ୍ତର୍ଜାତିକ ଅଲିମ୍ପିକ କମିଟି (ଆଇଓସି) କ୍ଷୁବ୍ଧ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଫଳରେ ଭାରତରେ ଅଲିମ୍ପିକ୍ ତଥା ଅନ୍ୟ ବିଶ୍ୱସ୍ତରୀୟ ଇଭେଣ୍ଟ ଆୟୋଜନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆଇଓସି ଏ ନେଇ ଭାରତ ସହ ସବୁ ପ୍ରକାର ଆଲୋଚନା ବାତିଲ କରିବାକୁ ନିଷ୍ପତ୍ତି ନେଇଛି। କେବଳ ସେତିକି ନୁହେଁ ଭାରତକୁ କୌଣସି ବଡ଼ ଟୁର୍ନାମେଣ୍ଟ ଆୟୋଜନ ଅଧିକାର ନ ଦେବା ପାଇଁ ସୁପାରିଶ କରିଛି। ଏଥି ସହିତ ଶୁଟିଂ ବିଶ୍ୱକପ୍‌ର ଦୁଇଟି ଅଲିମ୍ପିକ କୋଟାକୁ ରଦ୍ଦ କରିଛି।

ଗତ ଶନିବାର ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଭାରତର ୪୦ ସିଆରିପିଏଫ୍ ଯବାନ ଶହୀଦ ହେବା ପରେ ଭାରତ ପାକ୍ ଶୁଟରଙ୍କୁ ଭିଜା ଦେବାକୁ ମନା କରିଦେଇଛି। ଏଥିରେ ଅସନ୍ତୋଷ ଜାହିର କରି ଆଇଓସି ୨୫ ମିଟର ରାପିଡ ଫାୟାର ପିସ୍ତଲ ପ୍ରତିଯୋଗିତାର ଦୁଇଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିଦେଇଛି। ଭବିଷ୍ୟତରେ ବଡ଼ ଇଭେଣ୍ଟ ଆୟୋଜନ ନେଇ ଭାରତ ସହ କୌଣସି ଆଲୋଚନା କରାଯିବ ନାହିଁ ବୋଲି କହିଛି। ଆଗକୁ ଭାରତ ୨୦୨୬ ଯୁବ ଅଲିମ୍ପିକ୍ସ, ୨୦୩୨ ସମର ଅଲିମ୍ପିକ୍ସ ଓ ୨୦୩୦ ଏସିଆନ ଗେମ୍ସ ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରିଥିଲା। ପୂର୍ବରୁ ଭାରତ ୨୦୩୨ ଅଲିମ୍ପିକ୍ସ ଗେମ୍ସ ଆୟୋଜନ କରିବା ନେଇ ଆଇଓସିକୁ ତା'ର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ୨୦୨୬ ଯୁବ ଅଲିମ୍ପିକ୍ସର ବିଡିଂ ପ୍ରକ୍ରିୟା ଆସନ୍ତା ବର୍ଷ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଯେପର୍ଯ୍ୟନ୍ତ ଭାରତ ସରକାର ବିଭିନ୍ନ ଇଭେଣ୍ଟ ଆୟୋଜନରେ ଅଲିମ୍ପିକ୍ସ ନିୟମ ଅନୁସାରେ ସବୁ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବା ନିମନ୍ତେ ଅନୁମତି ତଥା ଭିଜା ଦେବା ନେଇ ଲିଖିତ ଭାବେ ଗ୍ୟାରେଣ୍ଟି ନ ଦେଇଛି ସେପର୍ଯ୍ୟନ୍ତ ଆଇଓସି ତା'ର ଆଭିମୁଖ୍ୟ ବଜାୟ ରଖିବ ବୋଲି ସ୍ପଷ୍ଟ କରିଛି।

ପାକ୍ ଶୁଟରଙ୍କୁ ଭିଜା ନ ଦେବା ଘଟଣା ଅଲିମ୍ପିକ୍ସର ମୌଳିକ ନିୟମର ଉଲ୍ଲଂଘନ କରୁଛି ବୋଲି ଲାଉସାନେରେ ଆୟୋଜିତ କାର୍ଯ୍ୟକାରୀ କମିଟି ବୈଠକରେ କୁହାଯାଇଛି। ଏଥି ସହିତ ଭବିଷ୍ୟତରେ ବିଭିନ୍ନ ଇଭେଣ୍ଟ ଆୟୋଜନ ନେଇ ଆଇଓଏ ତଥା ଭାରତ ସରକାରଙ୍କ ସହ କୌଣସି ଆଲୋଚନ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଅପରପକ୍ଷରେ ଆଇଓଏ ଏ ନେଇ ତା'ର ଅସହାୟତା ପ୍ରକାଶ କରିଛି। ବର୍ତ୍ତମାନର ପରିସ୍ଥିତିରେ ଦେଶର କ୍ରୀଡ଼ା ଭବିଷ୍ୟତ ଭଲ ମନେ ହେଉ ନାହିଁ ବୋଲି ଆଇଓଏ କହିଛି। ଆମେ ସବୁ ମତେ ଚେଷ୍ଟା କରିଛୁ। ତେବେ ଖେଳାଳିଙ୍କୁ ଭିଜା ଦେବା ଦାୟିତ୍ୱ ସରକାରଙ୍କର। ଦେଶର ସବୁ କ୍ରୀଡ଼ା ପାଇଁ ଏବେ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା କହିଛନ୍ତି। ଏହା ଦ୍ୱାରା ଆମ ଖେଳାଳିମାନେ କ୍ଷତିଗ୍ରସ୍ତ ହେବେ। ପୁଣି ଥରେ ପରିସ୍ଥିତି ସମାଧାନ ପାଇଁ ଆମେ ସରକାରଙ୍କୁ ଅନୁରୋଧ କରିବୁ। ଯଦି ଆଗାମୀ ୧୫-୨୦ ଦିନ ମଧ୍ୟରେ ଭାରତ ସରକାର କୌଣସି ପ୍ରତିଶୃତି ନ ଦିଅନ୍ତି ତେବେ ଆଇଓସି ନିକଟରୁ ଆଉ ଏକ ଚିଠି ଆସିବ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଆୟୋଜନ କରିବା ଇଚ୍ଛା ଜାହିର କରିଥିବା ଭାରତ ମଧ୍ୟ ୨୦୨୧ ପୁରୁଷ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ଆୟୋଜନ ଅଧିକାର ପାଇଛି। ତେଣୁ ଭାରତ ଏବେ ଆନ୍ତର୍ଜାତିକ ସ୍ତରରେ ନିନ୍ଦିତ ହେଉଛି। ଗତବର୍ଷ ମଧ୍ୟ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ରେ କୋସୋଭର ଜଣେ ବକ୍ସରଙ୍କୁ ଭିଜା ନ ଦେଇ ଭାରତ ବିବାଦ ସୃଷ୍ଟି କରିଥିଲା ଓ ଏନେଇ ଆଇଓସି ଭାରତକୁ ଚିଠି ଲେଖିଥିଲା। ନୂଆଦିଲ୍ଲୀରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍‌ରେ ୨୦୨୦ ଅଲିମ୍ପିକ୍ସ ପାଇଁ ସବୁ ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଆନ୍ତର୍ଜାତିକ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ ଘୋଷଣା କରିଥିଲେ। ତେବେ ପରେ ଆଇଓସି ୧୬ ବଦଳରେ ୨ଟି ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ନୂଆଦିଲ୍ଲୀରେ ଆୟୋଜନ ହେବାକୁ ଥିବା ଏହି ଇଭେଣ୍ଟରେ ୬୧ଟି ଦେଶରୁ ଅନ୍ୟ ୫୦୦ ଆଥଲେଟ୍ ଅଂଶଗ୍ରହଣ କରିବେ। ଏମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ ତା'ର ଦୁଇଜଣ ଶୁଟର ଜି.ଏମ୍. ବଶିର ଓ ଖଲିଲ ଅହମ୍ମଦଙ୍କ ପାଇଁ ଭିଜା ଆବେଦନ କରିଥିଲା। ଏହି ଦୁଇ ଶୁଟର ରାପିଡ ଫାୟାର ବର୍ଗରେ ଅଂଶଗ୍ରହ କରିବାର କାର୍ଯକ୍ରମ ଥିଲା। ଏହି ଇଭେଣ୍ଟ ଟୋକିଓ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟର ମାନ୍ୟତା ପାଇଛି।

### ପାକିସ୍ତାନର ସ୍ୱାଗତ

କରାଚୀ,୨୨।୨(ପି.ଟି.)- ଆନ୍ତର୍ଜାତିକ ଅଲିମ୍ପିକ୍ କମିଟି (ଆଇଓସି) ନିଷ୍ପତ୍ତିକୁ ନ୍ୟାଶନାଲ ଅଲିମ୍ପିକ ଆସୋସିଏଶନ ଅଫ୍ ପାକିସ୍ତାନ (ପିଓଏ) ସ୍ୱାଗତ କରିଛି। ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରେ ଅଲିମ୍ପିକ କୋଟା ରଦ୍ଦ କରିବାକୁ ଆଇଓସି ନିଷ୍ପତ୍ତି ନେଇଥିଲା। ଏହା ସ୍ୱାଗତ ଯୋଗ୍ୟ ବୋଲି ପିଓଏ ଅଧ୍ୟକ୍ଷ ଆରିଫ ହାସନ କହିଛନ୍ତି। ଆମର ଦୁଇ ଶୁଟର ଏହି ଇଭେଣ୍ଟ ପାଇଁ ଦୀର୍ଘ ଦିନ ହେବ ପ୍ରସ୍ତୁତି କରୁଆସୁଛନ୍ତି। ଏପରି ସ୍ଥଳେ ଆମ ଶୁଟରଙ୍କୁ ଭିଜା ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏଭଳି ପରିସ୍ଥିତିରେ ଆଇଓସିକୁ ଏସଂକ୍ରାନ୍ତରେ ଅବଗତ କରାଇବା ଅପେକ୍ଷା ଆମ ପାଖରେ କୌଣସି ବିକଳ୍ପ ମଧ୍ୟ ନହିଁ ବୋଲି ସେ କହିଛନ୍ତି।

### ୧୬ରୁ ୨ ଅଲିମ୍ପିକ୍ କୋଟା ରଦ୍ଦ

ନୂଆଦିଲ୍ଲୀ, ୨୨।୨(ପି.ଟି.)- ଆନ୍ତର୍ଜାତିକ ଶୁଟିଂ ଫେଡେରେଶନ (ଆଇଏସ୍ଏସ୍ଏଫ୍) ୧୬ ଅଲିମ୍ପିକ୍ କୋଟାକୁ ରଦ୍ଦ କରିବାକୁ ଘୋଷଣା କରିବା ପରେ ଆର୍ନ୍ତାଜାତିକ ଅଲିମ୍ପିକ୍ କମିଟି (ଆଇଓସି) ଏହାକୁ ୨କୁ କମାଇଛି। ନୁଆଦିଲ୍ଲରେ ଆୟୋଜନ ହେବାକୁ ଥିବା ଶୁଟିଂ ବିଶ୍ୱକପ୍‌ରୁ କେବଳ ପୁରୁଷ ୨୫ ମିଟର ରାପିଡ ଫାୟାର ପିସ୍ତଲ ଇଭେଣ୍ଟରୁ ଅଲିମ୍ପିକ କ୍ୱାଲିଫିକେଶନ ଷ୍ଟାଟସ୍‌କୁ କାଢ଼ି ନିଆଯାଇଛି ବୋଲ ଆଇଓସି ସ୍ପଷ୍ଟ କରିଛି। ଏହା ଦ୍ୱାରା ଏହି ମେଗା ଇଭେଣ୍ଟରେ ଚମକ ତଥା ଲୋକପ୍ରିୟତା ପୂର୍ବ ପରି ବଜାୟ ରହିବ। ଫଳରେ ନ୍ୟାଶନାଲ ରାଇଫଲ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆରଏଆଇ) ଆସ୍ୱସ୍ତି ଲାଭ କରିଛି। ଏଥିପାଇଁ ଶୁଟିଂ ବିଶ୍ୱକପ୍ ଆୟୋଜକ କିମିଟି ଓ ଏନ୍ଆରଏଆଇ ଆଇଓସିକୁ ଧନ୍ୟବାଦ୍ ଜଣାଇଛି। ଆଇଏସ୍ଏସ୍ଏଫ୍ ଅଧ୍ୟକ୍ଷ ଭ୍ଲାଡିମୀର ଲିସିନ, ସାଧାରଣ ସମ୍ପାଦକ ଆଲେକ୍‌ଜାଣ୍ଡାର ରାଟନର, ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରାଙ୍କୁ ଏନ୍ଆରଏଆଇ ଧନ୍ୟବାଦ ଜଣାଇଛି।

### ଏଏଚ୍ଏଫ୍ ଉପ ସଭାପତି ମୁସ୍ତାକ ଅହମ୍ମଦ



ମୁସ୍ତାକ ଅହମ୍ମଦ



ଅସିମା ଅଲି

ନୂଆଦିଲ୍ଲୀ,୨୨।୨(ପିଟି)

ଭାରତର ମହମ୍ମଦ ମୁସ୍ତାକ ଅହମ୍ମଦ ଓ ଅସିମା ଅଲି ଶୁକ୍ରବାର ଯଥାକ୍ରମେ ଏସିଆନ୍ ହକି ଫେଡେରେଶନ (ଏଏଚ୍ଏଫ୍) ଉପ ସଭାପତି ଓ କାର୍ଯ୍ୟକାରୀ କମିଟି ସଦସ୍ୟ ପଦରେ ନିର୍ବାଚିତ ହୋଇଛନ୍ତି। ଉଭୟ ଆଗାମୀ ୪ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇବେ। ମୁସ୍ତାକ ଅହମ୍ମଦ ଏବେ ହକି ଇଣ୍ଡିଆ ସଭାପତି ପଦରେ ଥିବାବେଳେ ଅଲି ଉପ ସଭାପତି ଦାୟିତ୍ୱରେ ଅଛନ୍ତି। ଅଲିଙ୍କ ଭଳି ମୁସ୍ତାକ ମଧ୍ୟ ଏଏଚ୍ଏଫ୍ କାର୍ଯ୍ୟକାରୀ କମିଟି ସଦସ୍ୟ ହୋଇପାରିଛନ୍ତି। ମହାଦେଶ ଫେଡେରେଶନ ଦ୍ୱାରା ନିଆଯାଇଥିବା ନୂଆ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଏବଂ ଏଏଚ୍ଏଫ୍ ସିଇଓଙ୍କୁ ଉପଦେଶ ଦେବା ହେଉଛି ଏଏଚ୍ଏଫ୍ କାର୍ଯ୍ୟକାରୀ କମିଟିର ମୁଖ୍ୟ କାର୍ଯ୍ୟ। ଏହି ଅବସରରେ ହକି ଇଣ୍ଡିଆ(ଏଚ୍ଆଇ) ପକ୍ଷରୁ ସାଧାରଣ ସମ୍ପାଦକ ରାଜିନ୍ଦର ସିଂ ଉଭୟଙ୍କୁ ଶୁଭେଚ୍ଛା ଦେଇଛନ୍ତି।

## ପ୍ରଥମ ଦିନିକିଆରେ ଭାରତ ବିଜୟୀ

**ମହିଳା କ୍ରିକେଟ**

ମୁମ୍ବାଇ, ୨୨।୨ (ପି.ଟି.)

ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତୀୟ ମହିଳା ଦଳ ୬୬ ରନରେ ବିଜୟ ଲାଭ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୪ ଓଭରରେ ୨୦୨ ରନ କରି ଅଲଆଉଟ ହୋଇଯାଇଥିଲା। ଘରୋଇ ଦଳ ପରେ ଇଂଲଣ୍ଡକୁ ୧୩୬ ରନରେ ଅଲ୍ ଆଉଟ କରିଦେଇଥିଲା। ଭାରତ ପକ୍ଷରୁ ସଫଳ ବୋଲର ଭାବେ ଏକତା ବିସ୍ତ ୪ଟି ଉଇକେଟ ଅକ୍ତିଆର କରିଥିବାବେଳେ ଏସ. ପାଣ୍ଡେ ଓ ଡିଭି ଶର୍ମା ଦୁଇଟି ଲେଖାଏଁ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତୀୟ ମହିଳା ଦଳ:** ୪୯.୪ ଓଭରରେ ୨୦୨/ଅଲଆଉଟ (ଜେମିମା. ରୋଡ୍ରିଗୁଏଜ୍-୪୮ ; ସୋଫି. ଇକ୍ଲେଷ୍ଟୋନ୍-୨/୨୭)।
**ଇଂଲଣ୍ଡ ମହିଳା ଦଳ :** ୪୧ ଓଭରରେ ୧୩୬/ଅଲଆଉଟ (ନାଟାଲି ସ୍କିଭର-୪୪, ହିଥର ନାଇଟ୍-୩୯* ; ଏକତା ବିସ୍ତ-୪/୨୫)।

## ଗୁରୁକୁଳ ର୍‍ୟାଙ୍କିଙ୍ଗ୍ ଟେନିସ: ଅଂଶୁ ଚାମ୍ପିୟନ




ଅଂଶୁକୁମାର ଭୂୟାଁ ଓ ଶେଖ୍ ମହମ୍ମଦ ଇଫ୍‌ତିକାର୍ ଟ୍ରଫି ସହ।

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି) ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ୍ ଟେନିସ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଓଡ଼ିଶାର ଅଂଶୁକୁମାର ଭୂୟାଁ। ଶୁକ୍ରବାର ଫାଇନାଲରେ ଅଂଶୁ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍‌ଙ୍କୁ୬-୨, ୬-୪ ସେଟ୍‌ରେ ହରାଇ ଟାଇଟଲ ହାସଲ କରିଛନ୍ତି। ପୁରୁଷ ହବଲ୍ସରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି ଓଡ଼ିଆ ଯୋଡ଼ି ସତୀର୍ଥ ପଟ୍ଟନାୟକ ଓ ଆଶ୍ଚୁତୋଷ ଦାସ। ଫଇେନାଲରେ ଆନ୍ଧ୍ର ପ୍ରଦେଶର ଉମର ଶେଖ୍ ଓ ଆସାମର ଶେଖ୍ ମହମ୍ମଦ ଇଫ୍‌ତିକାର୍ ଯୋଡ଼ି ୦-୬, ୬-୪,(୧୦-୪) ସେଟ୍‌ରେ ସତୀର୍ଥ-ଆଶ୍ଚୁତୋଷଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରେଫରି ଯତୀନ ବୈଶ୍ୟ, ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ସିଙ୍ଗଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି ଯଥାକ୍ରମେ ୧୫ ଓ ୧୨ ରେଟିଂ ପଏଣ୍ଟ ପାଇଛନ୍ତି। ସେହିପରି ଡବଲ୍ସରେ ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ି ୧୨ ଓ ୮ ପଏଣ୍ଟ ଲେଖାଏ ହାସଲ କରିଛନ୍ତି।




ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

### ଜାତୀୟ ଜୁନିୟର ହକି: କ୍ୱାର୍ଟରରେ ଗାଙ୍ଗପୁର

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ମହାରାଷ୍ଟ୍ରର ଔରଙ୍ଗାବାଦଠାରେ ଚାଲିଥିବା ଜାତୀୟ ଜୁନିୟର ହକି (ଡିଭିଜନ-ଏ) ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ହକି ଗାଙ୍ଗପୁର ଓଡ଼ିଶା ୧-୦ ଗୋଲରେ କର୍ଣ୍ଣାଟକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ପୁରନ କେରକେଟା ୫୯ତମ ମିନିଟରେ ଏକମାତ୍ର ଗୋଲଟି ଦେଇଥିଲେ। ଏହି ବିଜୟ ସହ ହକି ଗାଙ୍ଗପୁର ପୁଲ୍ 'ସି'ରେ ଉତ୍ତର ପ୍ରଦେଶ ପକ୍ଷରୁ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ପଞ୍ଜାବ, ଚଣ୍ଡିଗଡ଼, ହରିୟାଣା, ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଓ ବିହାର ଦଳ ବିଜୟ ହାସଲ କରିଛନ୍ତି।

### ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଉଦ୍‌ଘାଟିତ

## ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୨୨।୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ(ଆଇଏମ୍‌ଟି) ଖେଳ ପଡ଼ିଆରେ ୩ୟ ପୂର୍ବାଞ୍ଚଳ ବଧିର ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଆଇଏମଟିର ସହ ନିର୍ଦ୍ଦେଶକ ଡ. ଏସ.କେ. ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଓଡ଼ିଶା ଓ ବିହାର ଖେଳାଳିଙ୍କ ସର କରମର୍ଦ୍ଦନ କରିଥିଲେ। ଓଡ଼ିଶା ଓ ବିହାର ବ୍ୟତୀତ ଏଥିରେ ଝାଡ଼ଖଣ୍ଡ, ଆସାମ ଓ ପଶ୍ଚିମବଙ୍ଗ ଆଦି ୫ ରାଜ୍ୟ ଦଳ ଭାଗ ନେଇଛନ୍ତି।

ଉଦ୍‌ଘାଟନୀ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ବିହାରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ଓଡ଼ିଶା ୯ ଓଭରରେ ମାତ୍ର ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଓଡ଼ିଶାର ଆର.ଆର ସହାନି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଓଡ଼ିଶା ବଧିର କ୍ରୀଡ଼ା ପରିଷଦ ଆୟୋଜକ ସଭାପତି ସ୍ନେହାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନନୀୟ ଅତିଥିଭାବେ ଡ. ବି.ସି. ସାହୁ, ଡ. ବାମ ପ୍ରସାଦ ବାଗ୍, ଡ. ବଙ୍କିମ୍ ଚନ୍ଦ୍ର ତ୍ରିପାଠୀ, ୱାଇ. ମହାପାତ୍ର, ବିଶିଷ୍ଟ ଚେସ୍ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ବଧିର କ୍ରୀଡ଼ା ପରିଷଦ ସମ୍ପାଦକ ନିରଞ୍ଜନ ଜୋଷୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଆଇଏମ୍‌ଟିର ବରିଷ୍ଠ ଅଧିକାରୀ ଅବଦୁଲ ରହିମ ଖାଁ, ବିଜୟ କୁମାର ପରିଡ଼ା, ପି.କେ. ମହାପାତ୍ର, ସଞ୍ଜୟ ପଣ୍ଡା, ଜେ.ଏନ. ବହିଦାର ପ୍ରମୁଖ ପରିଚାଳନା କରୁଛନ୍ତି। ଲୋକେଶ କୁମାର ଓ ସନ୍ତୋଷ ଜେନା ଅମ୍ପାୟର ଏବଂ ବିକାଲ ନାୟକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

## ଯୋଜନାର ଚୂଡ଼ାନ୍ତ ରୂପ ପାଇଁ ଶେଷ ସୁଯୋଗ

**ଡିନ୍ ଜୋନ୍ସ**

ଆସନ୍ତା ଟି୨୦ ଓ ଦିନିକିଆ ସିରିଜରେ ଭାରତ ଓ ଅଷ୍ଟ୍ରେଲିଆ କିପରି ରଣନୀତି ଅବଲମ୍ବନ କରୁଛନ୍ତି ତାହା ବଡ଼ ପ୍ରଶ୍ନ। ଆଗାମୀ ଆଇପିଏଲ ଏବଂ ବିଶ୍ୱକପ ପୂର୍ବରୁ ନିଜ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବାପାଇଁ ଭାରତ ପାଇଁ ଏହା ଶେଷ ସୁଯୋଗ। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ ଓ ଡେଭିଡ ୱାର୍ନର ଏବେ ମଧ୍ୟ କହୁଣିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ତେଣୁ ଆସନ୍ତା ମାସରେ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆ ପର୍ଯ୍ୟନ୍ତ ସେମାନେ ଖେଳିପାରିବେ ନାହିଁ। ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଦଳକୁ ନେଇ ଅଧିକ ସମସ୍ୟା ରହିଛି। ଦଳ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇନାହିଁ। ବିଶେଷ କରି ଟି୨୦ରେ ଟପ୍ ଅର୍ଡର ବ୍ୟାଟିଂ ଲାଇନ୍‌ଅପ୍ ସ୍ଥିର ହୋଇ ପାରିନାହିଁ। ଫଳରେ ପୂର୍ବରୁ ଭାରତ ବିପକ୍ଷରେ ଭଲ ଖେଳିପାରି ନ ଥିଲେ ହେଁ ଡାର୍ସି ଶର୍ଟ, ହ୍ୟାଣ୍ଡସ୍କମ୍ବ, ମ୍ୟାକ୍ସୱେଲ, ଟର୍ନର ଓ ଆରନ ଫିଞ୍ଚଙ୍କ ଉପରେ ଦଳ ପ୍ରାୟତଃ ନିର୍ଭର କରିବ।

ଅଷ୍ଟ୍ରେଲିଆ ନିର୍ବୋଧଭାବେ ଭାରତ ବିପକ୍ଷ ଗତ ଦିନିକିଆ ସିରିଜରେ ହାଜେଲଉଡ୍, କୁମିନ୍ସ ଓ ଷ୍ଟାର୍କଙ୍କୁ ରୋଟେଟ୍ କରିଥିଲା। ଶ୍ରେଷ୍ଠ ଦଳ ଚୟନ କରିପାରିଲେ ଯାଇ ବିଜୟ ହାସଲ ସମ୍ଭବ ହେବ। ୫୦ ଓଭର ବିଶିଷ୍ଟ ଦିନିକିଆ ଏବଂ ଟି୨୦ରେ ଏହି ଦଳ ଏବେ ମଧ୍ୟ ଡେଥ୍ ଓଭର ବୋଲର ଆବଶ୍ୟକ କରୁଛି। ତେଣୁ ଜାସନ ବେହେରନଡର୍ଫ ଓ ଝେଇ ରିଚାର୍ଡଶନ ଆଗାମୀ ସିରିଜରେ ସୁଯୋଗ ପାଇପାରନ୍ତି। ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କୁ ମଧ୍ୟ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ।

ନିକଟ ଅତୀତରେ ଭଲ ଖେଳି ନ ଥିଲେ ହେଁ ଭାରତ ଲୋକେଶ ରାହୁଲ ଓ ରିଷଭ ପନ୍ତଙ୍କୁ ଆଉ ଏକ ସୁଯୋଗ ଦେଇପାରେ। ଯଦି ଲୋକେଶ ଫର୍ମରେ ରହିଲେ ତେବେ ଭାରତ ପରଫେକ୍ଟ ଟିମ୍ ପାଇପାରିବ। ଶିଖର ଧାୱନଙ୍କୁ ମଧ୍ୟ ରନ ସଂଗ୍ରହ ପ୍ରତି ଧ୍ୟାନ ଦେବାକୁ ହେବ। ତେଣୁ ଘରୋଇ ଖେଳାଳିଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ମନେ ପକାଇ ଦେବାକୁ ଏହା ପ୍ରକୃଷ୍ଟ ସିରିଜ।




ଭାରତ ନିଶ୍ଚିତଭାବେ ଉଭୟ ଟି୨୦ ଓ ଦିନିକିଆ ସିରିଜ ଜିତିବାକୁ ଚାହିଁବ। ସତ କହିବାକୁ ଗଲେ ଭାରତ ଏହି ସିରିଜ ଆବଶ୍ୟକ କରୁନାହିଁ। କାରଣ ଏହି ଦଳ ସେଟ୍ ହୋଇ ସାରିଛି। ସମ୍ଭବତଃ ଭାରତ ୨ଟି ସ୍ଥାନ ପାଇଁ ପରୀକ୍ଷା ନିରୀକ୍ଷା କରିବ। ପ୍ରଥମ ହେଲା ରିଜର୍ଭ ଉଇକେଟ କିପର ଏବଂ ଦ୍ୱିତୀୟତଃ ଲୋକେଶ ଫର୍ମକୁ ଫେରୁଛନ୍ତି କି ନାହିଁ ଦେଖାଯିବ।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ସମ୍ଭବତଃ ୬-୭ ସ୍ଥାନ ପାଇଁ ଖେଳାଳି ସେଟ୍ କରିବାକୁ ପଡ଼ିବ।

ଅଷ୍ଟ୍ରେଲିଆ କଣ ଏହି ସିରିଜ ଜିତି ପାରିବ? ତାହା ସେମାନେ ପାରିବେ ବୋଲି ମୁଁ ଭାବି ପାରୁନି। ତେବେ ସେମାନେ ଏହି ଅଭିଯାନକୁ କିପରି ସଫଳ କରିବାକୁ ଚେଷ୍ଟା କରୁଛନ୍ତି ତାହା ଦେଖିବାକୁ ବାକି ରହିଛି। ମାତ୍ର ସେମାନେ ଏଥିପାଇଁ ପ୍ରସ୍ତୁତ ଥିବାପରି ମୋର ମନେ ହେଉନାହିଁ। ଅଷ୍ଟ୍ରେଲିଆକୁ ବିଶ୍ୱ ବିଜୟୀ ପ୍ରତିଷ୍ଠା ଫେରାଇ ଆଣିବା ଆବଶ୍ୟକ ହେଉଛି। ଏହା ହେବାକୁ ହେଲେ ଖେଳଦ୍ୱାରା ପ୍ରତିପକ୍ଷ ଦଳକୁ ଭୟଭୀତ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆ ପାଇଁ ଏହା ହିଁ ଭାରତ ଗସ୍ତର ଉଦ୍ଦେଶ୍ୟ ହେବା ଉଚିତ।

(ଗେମ୍ ପ୍ଲାନ)

